ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.313 Bhubaneswar Tuesday January 30 2024 | ୨୬ତମ ବର୍ଷ ସଂଖ୍ୟା–୩୧୩ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଓଡ଼ିଆ ଅସ୍ମିତାର ଲଢ଼େଇ ପାଇଁ ଆହ୍ୱାନ ଦେଲେ ମଲ୍ଲିକାର୍ଜୁନ ଖର୍ଗେ





ଭୁବନେଶ୍ୱର, ୨୯।୧(ପି.ଏନ): ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବର୍ତ୍ତମାନ ବିପଦରେ। ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଦେଶରେ ଯେପରି ଭୟର ବାତାବରଣ ସୃଷ୍ଟି ହେଉଛି ସେଥିରୁ ଦେଶକୁ ମୁକ୍ତ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ମଣିପୁର ରୁ ମୁମ୍ବାଇ ଅଭିମୁଖେ ଚାଲିଛି। ଆଜି ସାରା ଭାରତ ବର୍ଷରେ କନ୍ୟାକୁମାରୀ ଠାରୁ କାଶ୍ମିର ପର୍ଯ୍ୟନ୍ତ, ମଣିପୁର ଠାରୁ ମୁମ୍ବାଇ ପର୍ଯ୍ୟନ୍ତ ବିଜେପି ଏବଂ ଆର.ଏସ୍.ଏସ୍. ଘୃଣା, ହିଂସା ଓ ଦ୍ୱେଷର ମି ବୁଣିଚାଲିଛନ୍ତି। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା, ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ଆଜିକୁ ଦୀର୍ଘ ୧୦ ବର୍ଷ ଧରି ଅତ୍ୟନ୍ତ ଦୁର୍ବଳରୁ ଦୁର୍ବଳତର କରି ଦିଆଯାଇଛି। ଭାରତ ବର୍ଷର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଲୋପ କରିଦେବା ପାଇଁ ବିଜେପି ଓ ଆର.ଏସ୍.ଏସ୍. ରୀତିମତ ଷଡ଼ଯନ୍ତ୍ର କରିଚାଲିଛନ୍ତି। ଆଜି ଭୁବନେଶ୍ୱର ଲୋୟର ପି.ଏମ୍.ଜି ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଓଡ଼ିଶା ବଂଚାଅ ସମାବେଶରେ ଖର୍ଗେଜୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ଏକ ବିରାଟ ପଟୁଆରରେ ସଭାସ୍ଥଳକୁ ପାଛୋଟି ଅଣାଯାଇଥିଲା। ରାଜ୍ୟ କଂଗ୍ରେସର ନେତା ଓ କର୍ମୀମାନେ ତାଙ୍କୁ ସଭା ସ୍ଥଳରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ। ଆଜିର ସମାବେଶକୁ ସମ୍ବୋଧିତ କରି ଅଖିଳ ଭାରତ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ମଲ୍ଲିକାର୍ଜୁନ ଖର୍ଗେ କହିଥିଲେ ଯେ ରାଜ୍ୟରେ ବିଜେଡ଼ି ଓ ବିଜେପି ମଧ୍ୟରେ ପ୍ରେମ ବିବାହ ଅନୁଷ୍ଠିତ ହୋଇଯାଇଛି। ସେ କହିଥିଲେ ଯେ ବିଜୁ ପଟ୍ଟନାୟକ ନେହେରୁଙ୍କ ଆଦର୍ଶକୁ ଅନୁସରଣ କରିଥିବାବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ଆଦର୍ଶ ଅନୁସରଣ କରୁଛନ୍ତି। ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଓଡ଼ିଶା ଧ୍ୱଂସ କରିବାକୁ ଉଭୟ ବିଜେପି ଓ ବିଜେଡ଼ି ଏଠାରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ସେମାନେ ରାଜ୍ୟର ପ୍ରାକୃତିକ ସମ୍ପଦ ଲୁଣ୍ଠନ କରି ବିକ୍ରୟ କରନ୍ତି ଓ ଏହାର ଲାଭାଂଶକୁ ଭାଗ କରିନିଅନ୍ତି। ବିଗତ ୭୦ ବର୍ଷ ମଧ୍ୟରେ କଂଗ୍ରେସ ଓଡ଼ିଶାବାସୀଙ୍କ ପାଇଁ ବହୁତ କିଛି କରିଛି। ଓଡ଼ିଶା ବିକାଶରେ ନେହେରୁଙ୍କ ସ୍ୱାକ୍ଷର ଆଜି ବି ସ୍ମୃତିଚାରଣ ହୁଏ। ପାରାଦ୍ୱୀପ ପୋର୍ଟ ହେଉ କିମ୍ବା ରାଉରକେଲା ଷ୍ଟିଲ ପ୍ଲାଂଟ ବା ଏନ୍.ଟି.ପି.ସି., ସଇଁତଳା ଗୁଳାବାରୁଦ କାରଖାନା, ମଂଚେଶ୍ୱର ରେଳଡବା କାରଖାନା, ନାଲ୍କୋ, ରାଜ୍ୟ ଜଳବିଦ୍ୟୁତ ପ୍ରକଳ୍ପ, ନଦୀବନ୍ଧ ଯୋଜନା, ହାଲ୍, ଏମ୍ସ୍, ନାଇଜର, ଆଇଜର, ଇନ୍ଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ସେଂଟ୍ରାଲ ୟୁନିଭରସିଟି ଓ ଆଂଚଳିକ ଶିକ୍ଷାନୁଷ୍ଠାନ ଆଦି ସମସ୍ତ ସଂସ୍ଥା କଂଗ୍ରେସର ଅବଦାନ। କଂଗ୍ରେସ ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ସଦାସର୍ବଦା ସୁରକ୍ଷା ଦେଇଆସିଛି। ସ୍ୱାଧୀନତା ପରେ ମହିଳାମାନଙ୍କୁ ଭୋଟ ଦେବା ଅଧିକାର କଂଗ୍ରେସ ଆଣିଥିଲା। ସ୍ୱାଧୀନତା ପରଠାରୁ କଂଗ୍ରେସ ସବୁବେଳେ ଗରୀବଙ୍କ ସହ ରହିଆସୁଥିଲାବେଳେ ବିଜେପି, ବିଜେଡ଼ି ଧନୀଙ୍କ ଶ୍ରେଣୀର ଲୋକମାନଙ୍କ ସହିତ ରହିଛି। ଓଡ଼ିଶାରେ ଥିବା ୨୯ ପ୍ରତିଶତ ଆଦିବାସୀ ଓ ୧୬ ପ୍ରତିଶତ ଅନୁସୂଚିତ ଜାତି ଜନସଂଖ୍ୟା ରହିଛି। ସେମାନଙ୍କର ସ୍ୱାର୍ଥପାଇଁ ଅଦ୍ୟାବଧି ନବୀନ ସରକାର କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଭାରତୀୟ ଜାତୀୟ କଂଗ୍ରେସ ଦେଶର ଶାନ୍ତି, ସଂହତି ଓ ଅଖଣ୍ଡତା ବଜାୟ ରଖିବାକୁ ଚାହେଁ। ମାତ୍ର ଭାରତୀୟ ଜନତାପାର୍ଟି ଦେଶରେ ବିଭାଜନ ଓ ଉତେଜନାମୂଳକ ପରିସ୍ଥିତି ସୃଷ୍ଟି କରିବା ଉପରେ ବିଶ୍ୱାସ କରେ। ମଣିପୁରରେ ଘଟିଥିବା ହିଂସାକାଣ୍ଡ ସମୟରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଲା। ଅନେକ ମହିଳା ବଳତ୍କାରର ଶିକାର ହେଲେ। ଅନେକ ନିର୍ଯ୍ୟାତନା ସହିଲେ। ବହୁ ସଂପତି ଧ୍ୱଂସ ହେଲା। ମାତ୍ର ସେତେବେଳେ ନରେନ୍ଦ୍ର ମୋଦୀ ସେଠାକୁ ନ ଯାଇ ଆତ୍ମ ଗୋପନ କରି ରହିଲେ। କୌଣସି ଠାରେ ତାଙ୍କୁ ଦେଖିବାକୁ ମିଳିଲା ନାହିଁ। ଦେଶର ଏକତା ପାଇଁ ନିଜକୁ ତ୍ୟାଗ କରିବାକୁ ପଡ଼ିଥାଏ, ଯାହାକି ମୋଦୀଙ୍କ ପାଖରେ ନାହିଁ। ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ଶେଷ ଅଭିଭାଷଣରେ ଭୁବନେଶ୍ୱର ଠାରେ କହିଥିଲେ ଯେ ଦେଶ ପାଇଁ ସେ ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ। ତାହା ହିଁ ହେଉଥିଲା। ଦେଶର ଏକତା ପାଇଁ ସେ ଜୀବନ ଦେଇଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀ ମଧ୍ୟ ସମାନ ଭାବେ ଦେଶର ଏକତା ଓ ଅଖଣ୍ଡତା ପାଇଁ ପ୍ରାଣବଳି ଦେଇଥିଲେ। ମୋଦୀ ଦେଶରେ ଇ.ଡ଼ି., ସି.ବି.ଆଇ. ଭୟ ଏବଂ ଧମକ ଦେଖାଉଥିବାବେଳେ ଆମେ ପ୍ରେମ ଓ ସହଯୋଗ ସରକାରରେ ବିଶ୍ୱାସ କରୁ। ବିବାହ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ଯଦି ମୋଦୀ କ୍ଷମତାକୁ ଆସନ୍ତି ତେବେ ଏହା ଦେଶର ଶେଷ ନର୍ବାଚନ ହେବ। ଦେଶରେ ଏକଛତ୍ରବାଦ ଶାସନ ଚାଲିବ। ବର୍ତ୍ତମାନ ସଂସଦରୁ ସାଂସଦମାନଙ୍କୁ ବହିଷ୍କାର କରି ଆଇନ ପାସ୍ କରାଇ ନିଆଯାଉଛି। ଯଦି ଏମିତି ଚାଲେ ତେବେ ଦେଶରେ କିପରି ଗଣତନ୍ତ୍ର ବଂଚି ରହିବ ବୋଲି ଶ୍ରୀ ଖର୍ଗେ ପ୍ରଶ୍ନ କରିଛନ୍ତି। ସ୍ୱାଧୀନତା ପୂର୍ବରୁ ଯେତେବେଳେ ଦେଶରେ ଔପନିବେଶବାଦ ଶାସନ ଅଧିନରେ ଥିଲା ସେତେବେଳ ଲୋକମାନେ ଦାସତ୍ୱ ବନ୍ଧନରେ ରହିଥିଲେ। ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗର ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଥିଲା। ଯୁବବର୍ଗଙ୍କ ପାଇଁ ଶିକ୍ଷା ଓ ସମ୍ମାନଜନକ ରୋଜଗାର ଅପହଂଚ ହୋଇ ରହିଥିଲା। ବର୍ତ୍ତମାନ ସରକାରରେ ମଧ୍ୟ ସମାନସ୍ଥିତି ଦେଖିବାକୁ ମିଳୁଛି। ପଛୁଆ ବର୍ଗର ଯୁବବର୍ଗଙ୍କ ପାଇଁ ସରକାରୀ ଚାକିରୀ ଦିବା ସ୍ୱପ୍ନ ହୋଇ ରହିଛି। ଏବେ ଯେଉଁ ମୋଦୀ ଗ୍ୟାରେଂଟିର କଥା କୁହାଯାଉଛି ତାହା ଏକ ଭେଳିକି। ଅତୀତରେ କଂଗ୍ରେସ ସରକାର ଦ୍ୱାରା ଯାହା ସବୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି, ତା'ର ଶ୍ରେୟ ନେଉଛନ୍ତି ମୋଦୀ। ଓଡ଼ିଶାରେ ଆଜିମଧ୍ୟ ଲୋକମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ବେକାରୀ ସମସ୍ୟା ଉତ୍କଟ ରହିଛି। ଓଡ଼ିଶାର ଯୁବବର୍ଗ ସବୁକ୍ଷେତ୍ରରେ ଯୋଗ୍ୟ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ ପାଇଁ ବାହାର ରାଜ୍ୟରୁ ଲୋକଙ୍କୁ ଆଣି ଏଠାରେ ନିଯୁକ୍ତ କରୁଛନ୍ତି ବୋଲି ଶ୍ରୀ ଖର୍ଗେ ପ୍ରଶ୍ନ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ଓଡ଼ିଶାରେ ଅନେକ ଯୋଗ୍ୟ ବ୍ୟକ୍ତି ଥିବାବେଳେ ରାଜ୍ୟ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ କାହିଁକି ଜଣେ ବାହାର ଲୋକଙ୍କୁ ଆଣି ଶାସନ ଚଳାଉଛନ୍ତି। ଯେଉଁମାନେ ଡରୁଆ ସେମାନେ କଦାପି ଦେଶକୁ ବିକାଶ ଆଡ଼କୁ ନେଇପାରିବେ ନାହିଁ। ଇ.ଡ଼ି., ସିବିଆଇ ଭୟରେ ବିଜେପି ସହ ହାତ ମିଳାଉଥିବା ଦଳକୁ ନତର୍ପୋକନ୍ତ ବୋଲି ଆକ୍ଷେପ କରିଛନ୍ତି ଶ୍ରୀ ଖର୍ଗେ। ଆମେ ପୁନର୍ବାର ଶକ୍ତିଶାଳୀ ହେବୁ ଏବଂ ବେଜେଡ଼ି ଓ ବିଜେପିକୁ ପରାଜିତ କରିବୁ ବୋଲି ଶ୍ରୀ ଖର୍ଗେ କହିଛନ୍ତି। ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର କହିଲେ ଯେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ। ନବଦାସ ହତ୍ୟାକାଣ୍ଡକୁ ଆଜି ଏକବର୍ଷ ପୂର୍ଣ୍ଣ ହୋଇଥିଲେ ମଧ୍ୟ ରାଜ୍ୟବାସୀ ଜାଣିପାରିଲେ ନାହିଁ ହତ୍ୟାକାରୀ କିଏ? ତେଣୁ ରାଜ୍ୟର ସାଧାରଣ ଜନତା ସୁରକ୍ଷିତ କି ବୋଲି ପ୍ରଶ୍ନ କରିଥିଲେ। ଓଡ଼ିଶାର ନର୍ମାଣରେ କଂଗ୍ରେସର ଭୂମିକାକୁ ଶ୍ରେୟ ଦେଇଥିଲେ ଡ. ଅଜୟ କୁମାର। ଆଜିର ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦଳର ନେତା ନରସିଂହ ମିଶ୍ର, ପୂର୍ବତନ ସଭାପତି ନିରନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପ୍ରଚାର କମିଟିର ଅଧ୍ୟକ୍ଷ-ବିଜୟ ପଟ୍ଟନାୟକ, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଶୁସିଲା ତିରିଆ, ସହ ପ୍ରଭାରୀ – ସାହାନୱାଜ ଚୈାଧୁରୀ, ଖ୍ରୀଷ୍ଟଫର ତିଲ୍କକ୍, ସାଂସଦ ସପ୍ତଗିରି ଉଲ୍ଲାକା, ମିଡ଼ିଆ ଅଧ୍ୟକ୍ଷ ଡ. ବିଶ୍ୱରନ ମହାନ୍ତି, ସମସ୍ତ କଂଗ୍ରେସ ବିଧାୟକ, ରାଜ୍ୟ ଛାତ୍ର, ଯୁବ ଓ ମହିଳା କଂଗ୍ରେସ ଏବଂ ସେବାଦଳ ଅଧ୍ୟକ୍ଷଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ୩୦, ୩୧ରେ ଘନ କୁହୁଡି; ୧ ଓ ୨ରେ ବର୍ଷା

ଭୁବନେଶ୍ୱର,୨୯।୧(ପି.ଏନ): ବଙ୍ଗୋପସାଗର ଓ ଓଡିଶା ଉପକୂଳରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଉତ୍କଳ ଓଡିଶାର କେତେକ ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ଫେବୃଆରୀ ୧ ଓ ୨ ତାରିଖରେ କେତେକ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ମଙ୍ଗଳବାର କଳାହାଣ୍ଡି, ବଲାଙ୍ଗିର, ସୋନପୁର,ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଜିଲ୍ଲାରେ କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଟ୍ୱିନ୍ ସିଟିର ନୂତନ ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ସଂଜୀବ ପଣ୍ଡା



ଭୁବନେଶ୍ୱର,୨୯।୧(ପି.ଏନ): କଟକ-ଭୁବନେଶ୍ୱର ଦ୍ୱ?ତନଗରୀର ନୂଆ ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ସଂଜୀବ ପଣ୍ଡା । ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୯୪ ବ୍ୟାଚ୍‌ର ଓଡିଆ ଆଇପିଏସ୍ ଅଧିକାରୀ ହେଉଛନ୍ତି ସଂଜୀବ ପଣ୍ଡା । ପୋଲିସ କମିଶନର ଦାୟିତ୍ୱ ନେବା ପୂର୍ବରୁ ସେ ରାଜ୍ୟ ପୋଲିସ ହାଉସିଂ ୱେଲଫେୟାର କର୍ପୋରେସନର ସିଏମଡି ଦାୟିତ୍ୱରେ ଥିଲେ । ପୂର୍ବରୁ ସେ ପୁରୀ ଏସ୍ପି, ଆଇଜି ପର୍ସନାଲ, ଆଇଜି ଓଏସ୍ଏପି, ଏଡିଜି କ୍ରାଇମବ୍ରାଞ୍ଚ, ପରିବହନ କମିଶନର ଆଦି ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି ।

## ୧୦ ଘଣ୍ଟାର ଜେରା ପରେ ଇଡି ଅଫିସରୁ ବାହାରିଲେ ଲାଲୁ ଯାଦବ



ନୂଆଦିଲ୍ଲୀ,୨୯।୧(ପି.ଏନ): ଆରଜେଡି ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଦୀର୍ଘ ୧୦ ଘଣ୍ଟା କାଳ ଜେରା କରିବା ପରେ ଛାଡିଛି ଇଡି। ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ଇଡି ଲାଲୁ ମାରାଥନ ଜେରା କରିଛି। ଏହି ଦୁର୍ନୀତି ଘଟଣାର ସହ ଅଭିଯୁକ୍ତ ତଥା ଲାଲୁଙ୍କ ଝିଅ ମିଶା ଭାରତୀ ମଧ୍ୟ ଇଡି ଅଫିସରେ ୧୦ ଘଣ୍ଟା କାଳ ଉପସ୍ଥିତ ରହିଥିଲେ। ଆଜି ଦିନ ପ୍ରାୟ ୧୧.୦୫ରେ ମିଶାଙ୍କ ସହ ଲାଲୁ ପାଟନାରେ ଥିବା ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ସ୍ୱତନ୍ତ୍ର ଟିମ ଲାଲୁଙ୍କୁ ଜେରା ଆରମ୍ଭ କରିଥିଲା। ପ୍ରାୟ ୧୦ ଘଣ୍ଟାର ଜେରା ପରେ ଲାଲୁ ଓ ମିଶା ସନ୍ଧ୍ୟା ସମୟରେ ଅଫିସରୁ ବାହାରି ଘରକୁ ଯାଇଛନ୍ତି।

## ନବ ଦାସ ହତ୍ୟାକୁ ବର୍ଷ ପୂରିଲା; କୁଆଡ ଗଲା ଏଫବିଆଇ ତଦନ୍ତ?



ଭୁବନେଶ୍ୱର,୨୯।୧(ପି.ଏନ): ବିଜେଡି ନେତା ନବ କିଶୋର ଦାସ ହତ୍ୟାକାଣ୍ଡକୁ ବର୍ଷ ପୂରିଗଲା। ହେଲେ ଗୁମର ଫିଟିଲାନି। କାହିଁକି ମାରିଲା ଫାଣ୍ଡି ଅଧିକାରୀ ଗୋପାଳ ଦାସ? କେଉଁ କାରଣରୁ ପୁଲିସ୍ ବର୍ଦ୍ଦିରେ ଥାଇ ପଏଣ୍ଟ ବ୍ଲାଙ୍କରୁ ଚଳାଇଥିଲା ଗୁଳି ରାଜନୈତିକ, ବ୍ୟାବସାୟିକ ନା ବ୍ୟକ୍ତିଗତ ଶତ୍ରୁତା? ହତ୍ୟା ପଛରେ ଥିଲା କି ବଡ଼ ଷଡ଼ଯନ୍ତ୍ର କୋର୍ଟରେ ୫୦୦ ପୃଷ୍ଠାରୁ ଅଧିକ ପ୍ରାଥମିକ ଚାର୍ଜସିଟ ଦାଖଲ ସତ୍ତ୍ୱେ କ୍ୟାବିନେଟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ମର୍ଡର ପଛର କାରଣ କିନ୍ତୁ ଏଯାଏଁ ସ୍ପଷ୍ଟ କରୁନି କ୍ରାଇମବ୍ରାଞ୍ଚ। ଏଥିସହ ଷଡଯନ୍ତ୍ରର ଦିଗକୁ ମଧ୍ୟ ତଦନ୍ତକାରୀ ସଂସ୍ଥା ନଛୁଇଁବାକୁ ନେଇ ଖୋଦ ନବଙ୍କ ନିଜ ନିର୍ବାଚନମଣ୍ଡଳୀ ଝାରସୁଗୁଡାବାସୀ ହୋଇଛନ୍ତି କ୍ଷୁବ୍ଧ। ଏମିତିକି ତଦନ୍ତ କେବଳ ଗୋପାଳରୁ ଆରମ୍ଭ ହୋଇ ସେଇ ଗୋପାଳ ପାଖରେ ଶେଷ ହେବାକୁ ନେଇ ଉଠାଇଛନ୍ତି ଆପତ୍ତି। ୨୦୨୩ ମସିହା ଜାନୁଆରୀ ୨୯ ତାରିଖରେ ନବ ଦାସଙ୍କୁ ମର୍ଡର କରାଯାଇଥିଲା। ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ଖେଳାଇ ଦେଇଥିଲା। ଏହି ହତ୍ୟା ପଛରେ ବଡ ଧରଣର ଷଡଯନ୍ତ୍ର ଥିବା ନବଙ୍କ ପତ୍ନୀ ଓ ପୁଅ ସତ୍ୟପାଠରେ ବୟାନ ରଖିଥିଲେ। ଏହାକୁ ନେଇ ରାଜନୈତିକ ବୟାନ୍‌ବାଜି ହୋଇଥିଲା। ଶାସକ ବିଜେଡିକୁ ଟାର୍ଗେଟ କରିଥିଲା ବିରୋଧୀ। ସ୍ଥିତି ଭୟଙ୍କର ରୂପ ନେଉଥିବା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହତ୍ୟାକାଣ୍ଡର ତଦନ୍ତ ଏଫବିଆଇ କରିବ ବୋଲି ବିଧାନସଭାରେ ଘୋଷଣା କରିଥିଲେ। ହେଲେ ସେ ତଦନ୍ତ କୁଆଡେ ଗଲା ସିବିଆଇ ଥାଉ ଥାଉ ଏଭଳି ଉଦ୍ଭଟ ପରିକଳ୍ପନା ମୁଖ୍ୟମନ୍ତ୍ରୀ କାହିଁକି କଲେ ବୋଲି ପ୍ରଶ୍ନ କରିଛି ବିଜେପି। ତା'ସହ ଗଣତନ୍ତ୍ରର ମନ୍ଦିରକୁ ମିଛ କହି ଅପବିତ୍ର କରିଥିବାରୁ ମୁଖ୍ୟମନ୍ତ୍ରୀ ସେଇ ବିଧାନସଭାରେ ରାଜ୍ୟବାସୀଙ୍କୁ କ୍ଷମା ମାଗିବା ସହ ଘଟଣାର ସିବିଆଇ ତଦନ୍ତ ଦାବି ଦୋହରାଇଛି ବିଜେପି।

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ

ଆପଣଙ୍କୁ ଏହାର ରୌପ୍ୟଜୟନ୍ତୀ ସମାରୋହକୁ ସାଦର ନିମନ୍ତ୍ରଣ କରୁଛି। ଆସନ୍ତା ତା ୩୧.୦୧.୨୦୨୪ ରିଖ ବୁଧବାର ଦିନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଏହା ନିମ୍ନ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେଉଅଛି। ଜଣେ ସୁଧି ପାଠକ ଓ ଶୁଭେଚ୍ଛୁ ଭାବେ ଆମେ "ପର୍ଯ୍ୟବେକ୍ଷକ" ପରିବାର ଆପଣଙ୍କ ପ୍ରତୀକ୍ଷାରେ ରହିବୁ ।

॥ ଇତି ॥
ବୃନ୍ଦଦେବ ମହାପାତ୍ର, ପ୍ରକାଶକ

**କାର୍ଯ୍ୟସୂଚୀ**
ଦିବା ୧୧.୦୦ ଘଟିକାରୁ ୨.୦୦ ଘଟିକା

**ଉଦ୍‌ଘାଟକ**
ଡକ୍ଟର ଗିରିଧାରୀ ଗମାଙ୍ଗୋ
ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ଓଡ଼ିଶା

**ବିଶିଷ୍ଟ ଅତିଥି ବୃନ୍ଦ**
ଡକ୍ଟର ପ୍ରସନ୍ନ ପାଢ଼ଶାଣୀ
ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ
ପଦ୍ମଭୂଷଣ ସୁଦର୍ଶନ ସାହୁ
ପ୍ରଖ୍ୟାତ ସ୍ଥପତି, ଓଡ଼ିଶା
ଶ୍ରୀ ମନମୋହନ ସାମଲ
ସଭାପତି, ବିଜେପି, ଓଡ଼ିଶା
ଶ୍ରୀ ଶରତ ପଟ୍ଟନାୟକ
ସଭାପତି, ପିସିସି, ଓଡ଼ିଶା
ଶ୍ରୀ ପ୍ରସାଦ ହରିଚନ୍ଦନ
ପୂର୍ବତନ ସଭାପତି, ପିସିସି, ଓଡ଼ିଶା
ଶ୍ରୀ ପ୍ରିୟଦର୍ଶୀ ମିଶ୍ର
ପୂର୍ବତନ ବିଧାୟକ, ଭୁବନେଶ୍ୱର ଉତ୍ତର
ଡକ୍ଟର ଅଶୋକ ମହାପାତ୍ର
ପୂର୍ବତନ ନିର୍ଦ୍ଦେଶକ ଏମ୍ସ, ଭୁବନେଶ୍ୱର
ଶ୍ରୀ ସବ୍ୟସାଚି ମହାପାତ୍ର
ଖ୍ୟାତନାମା ସିନେମା ନିର୍ଦ୍ଦେଶକ ଓ ପ୍ରଯୋଜକ
ଡକ୍ଟର ସିନ୍ଧୁ ନନ୍ଦିନୀ ତ୍ରିପାଠୀ
ବିଶିଷ୍ଟ ଲେଖିକା ଓ ଚିକିତ୍ସିକା

**ସଭାପତିତ୍ୱ କରିବେ**
ଡ଼ଃ ପବିତ୍ର ମୋହନ ସାମନ୍ତରାୟ,
ମୁଖ୍ୟ ସମ୍ପାଦକ, ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକଲ୍

ଠିକଣା: ଏନ-୪, ଏଫ-୨୪, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ମୋ-୯୪୩୭୦୦୨୫୦୯, ହ୍ୱାଟସପ- ୯୬୬୮୧୬୩୩୮୮

Supported by: THE KALINGA CHRONICLE








## ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟି କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡି, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଇସ୍‌ଲାମିକ ସର୍କଲ ଓ ଜମାତେ ଇସ୍‌ଲାମୀର ଷଡ଼୍‌ଯନ୍ତ୍ର

**ସୌମେନ୍ଦ୍ର ଜେନା**

ବିଦେଶରେ ଭାରତ ବିରୋଧୀ ପ୍ରଚାର କାର୍ଯ୍ୟରେ ସକ୍ରିୟ ଥିବା ଗୋଷ୍ଠୀଗୁଡିକ ମଧ୍ୟରେ ଆମେରିକାର ଇସ୍‌ଲାମିକ ସର୍କଲ ଅଫ୍ ନର୍ଥ ଆମେରିକା ଏବଂ ଜମାତେ ଇସ୍‌ଲାମୀର ଲୋକେ ଆଗରେ ରହିଛନ୍ତି । ଆମେରିକାରେ ପାକିସ୍ଥାନର ଜମାତେ ଇସ୍‌ଲାମୀର ଏଜେଣ୍ଡାକୁ ନେଇ କାର୍ଯ୍ୟ କରୁଥିବା ସଂଗଠନ ହେଉଛି ଇସଲାମିକ ସର୍କଲ ବା ଇସ୍‌ନା । ଏହି ସଂଗଠନ ୧୯୬୮ରେ ପ୍ରଥମେ ହଲ୍‌କା-ଇ-ଇସଲାମୀ (ହାଇ) ନାମରେ ଆମେରିକାରେ ଆରମ୍ଭ ହୋଇଥିଲା । ଜମାତେ ଇସଲାମୀର ପ୍ରତିଷ୍ଠାତା ମୌଲାନା ଅବଦୁଲ ଅଲା ମୌଦୁଦୀ ହାଇର ପ୍ରଥମ ସଭାରେ ଭାଷଣ ଦେଇଥିଲେ । ସେବେଠାରୁ ଏହି ସଂଗଠନର ନେତୃତ୍ୱ ଜମାତେର ଅନେକ ଲୋକ ନେଇ ଆସିଛନ୍ତି । ସେମିତି ଇସ୍‌ନାର ଲୋକେ ଜମାତେ ଇସଲାମୀ ସହ ଯୋଡି ହୋଇ ସଂଗଠନ ପାଇଁ କାର୍ଯ୍ୟକରି ଆସିଛନ୍ତି । ହାଇର ନାମ ୧୯୭୧ରେ ଇସନା ହୋଇଥିଲା । ୧୯୭୭ରେ ଏହାର ପ୍ରଶାସନିକ ବ୍ୟବସ୍ଥା ପରିବର୍ତ୍ତିତ ହୋଇଥିଲା । ସେହିବର୍ଷ ଇସ୍‌ନାର ନୂତନ ସମ୍ବିଧାନ ପ୍ରକାଶ ପାଇବା ସହ 'ଇଂରାଜୀ' ଯୋଗାଯୋଗ ଭାଷା ହେବ ବୋଲି ସ୍ଥିର କରାଗଲା । ଦାୱା କାର୍ଯ୍ୟକ୍ରମ ଇସ୍‌ନା ପକ୍ଷରୁ ଆରମ୍ଭ କରାଯାଇଥିଲା । ଯୁବକ ଏବଂ ମହିଳାମାନଙ୍କୁ ସଂଗଠନରେ ସାମିଲ କରିବାଲାଗି "ଦି ମାଗାଜିନ୍" ଶୀର୍ଷକ ପତ୍ରିକା ପ୍ରକାଶ ପାଇଥିଲା । ୧୯୭୮ରେ "ଇସ୍‌ନା ସିଷ୍ଟର୍ସ" ସ୍ୱତନ୍ତ୍ର ରୂପେ ଗଠିତ ହୋଇଥିଲା ।

ସଂଗଠନର ଆରମ୍ଭରୁ ଆଜିଯାଏ ସଂଖ୍ୟାଧିକ ପାକିସ୍ଥାନୀ ଲୋକ ଏହାର ସଦସ୍ୟତା ନେଇ ଆସିଛନ୍ତି । ଆରମ୍ଭ ବର୍ଷଗୁଡିକରେ ଇସ୍‌ନା ନିଜକୁ ଇସ୍‌ଲାମିକ ଜମାହ (ସଂଗଠିତ ଗୋଷ୍ଠୀ) ବୋଲି କହୁଥିଲା । ସଂଗଠନର ଉଦ୍ଦେଶ୍ୟ "ଆଲ୍ଲାଙ୍କ ଆନନ୍ଦ ପାଇଁ ଉତ୍ତର ଆମେରିକାରେ ଇସ୍‌ଲାମିକ ବ୍ୟବସ୍ଥାର ପ୍ରଚଳନ" କରିବା ବୋଲି କହିଆସିଛି । ମୁସଲିମ ବ୍ରଦରହୁଡର ପ୍ରଭାବ କିପରି ଜମାତ ଉପରେ ରହିଛି ଏହା ତାର ସ୍ପଷ୍ଟ ପ୍ରମାଣ । ଜମାତ ଲୋକେ ପାରମ୍ପାରିକ ଦୃଷ୍ଟିରୁ ଭାରତୀୟ ଉପମହାଦେଶର କେଶ, ବେଶ, ଭାଷା କାର୍ଯ୍ୟ ଆଦିକୁ କାଏମ ରଖିଛନ୍ତି । ମହମ୍ମଦଙ୍କ ସହ ନିକଟତର ହୋଇ ରହିବା ପାଇଁ ସେମାନେ ଏସବୁ ଛାଡିପାରିନାହାନ୍ତି । କିନ୍ତୁ ମୁସଲିମ ବ୍ରଦରହୁଡ ପାଶ୍ଚାତ୍ୟ ଦୃଷ୍ଟିକୋଣ ନେଇ ଇସ୍‌ଲାମକୁ ସେଠାରେ ଲୋକପ୍ରିୟ କରିବାକୁ କାର୍ଯ୍ୟ କରୁଛି । ଆମେରିକାର ସମାଜ ଭିତରେ ରହି କାର୍ଯ୍ୟ କରିବାର କୌଶଳ ନେଇ ରହିଛି । ତେବେ ଏହାକୁ ଆରମ୍ଭ କରିଥିବା ଲୋକମାନେ କେହି ଅଧିକ ଶିକ୍ଷିତ କିମ୍ବା ଇସଲାମିକ ଗୁରୁ ନଥିଲେ । ସେମାନଙ୍କର ଇସଲାମ ଧର୍ମ ବାବଦରେ ଅଧିକ ଅଧ୍ୟୟନ ନଥିଲା । ତଥାପି ସେମାନେ ପାରମ୍ପରିକ ବିଚାରଧାରାକୁ ବଦଳାଇ ଇସଲାମର ଦୃଷ୍ଟିକୋଣକୁ ଅଧିକ ପ୍ରସାରିତ କରିବାକୁ ଉଦ୍ୟମ କଲେ । ସେମାନଙ୍କର ପ୍ରୟାସରେ ପାଶ୍ଚାତ୍ୟ ଜଗତରେ ସଫଳତା ମିଳିଲା । ଯାହା ଫଳରେ ସେମାନେ ଆମେରିକାର ସମାଜ ଭିତରେ ମିଶି ସମାଜ ବ୍ୟବସ୍ଥା ଏବଂ ବିଚାରର ଇସଲାମୀକରଣ କରିବାକୁ ସକ୍ଷମ ହେଲେ, ଯାହା ଜମାତେ ଇସଲାମୀ ଲୋକେ ସେତେ ଅଧିକ ସଫଳ ହୋଇପାରିଲେ ନାହିଁ । ମୁସଲିମ ବ୍ରଦରହୁଡଠାରୁ ଏହି କୌଶଳ ଶିକ୍ଷାକରି ଜମାତ ଲୋକେ ୧୯୭୦ ପରବର୍ତ୍ତୀ କାଳରେ ଭିନ୍ନ ଭିନ୍ନ ଶାଖା ସଂଗଠନ ଗଢିବାକୁ ଉଦ୍ୟମ ଚଳାଇଲେ । ବର୍ତ୍ତମାନର ଅଧ୍ୟକ୍ଷ ଥିବା ଡକ୍ଟର ମୋହସିନ ଅନ୍‌ସାରୀଙ୍କଠାରୁ ଆରମ୍ଭ କରି ୧୯୭୧ର ବଙ୍ଗଳାଦେଶ ଯୁଦ୍ଧର ଅପରାଧୀ ଥିବା ଅସ୍ରଫୁଜ ଜମାନ ଖାଁ ଓ ମୋତିଉର ରହମାନ ନିଜାମୀଙ୍କ ପରି ଲୋକେ ଏଥିରେ କ୍ରମଶଃ ସାମିଲ ହେଲେ । ୧୯୮୦ ଏବଂ ୧୯୯୦ ଦଶକରେ ନିଜସ୍ୱ ସଂଗଠନ ଗଠନ କରିବା ପୂର୍ବରୁ ଶେଖ ଉବୈଦ, ଅବଦୁଲ ମାଲିକ ମୁଜାହିଦ, ସିମିର ପ୍ରତିଷ୍ଠାତା ଅହମଦୁଲ୍ଲା ସିଦ୍ଧିକିଙ୍କ ପରି ଲୋକେ ପ୍ରଥମେ ଇସନା ସହ ସଂପୃକ୍ତ ରହିଥିଲେ । ଇସନା ଏହାର ଆନ୍ତର୍ଜାତିକ ସେବାଶାଖା ଏଚ୍‌ଏଚ୍‌ଆରଡି ମାଧ୍ୟମରେ ପାକ୍‌ର ଜମାତ ସହ ମିଶି କାର୍ଯ୍ୟ କରିଥାଏ । ୧୯୭୪ରେ ଜମାତ-ଇ-ଇସଲାମୀର ପ୍ରତିଷ୍ଠାତା ସୟିଦ ଅବୁଲ ଅଲା ମୌଦୁଦୀ ଇସ୍‌ନାର ପ୍ରଥମ ସାଧାରଣ ସଭାରେ ଯୋଗ ଦେଇଥିଲେ । ଇସ୍‌ନାର ସହଯୋଗୀ ସଂସ୍ଥା ହେଲ୍‌ପିଙ୍ଗ୍ ହ୍ୟାଣ୍ଡ ଫର୍ ରିଲିଫ୍ ଏଣ୍ଡ ଡେଭଲପମେଣ୍ଟର କରାଚିରେ ଗୋଟିଏ ଗବେଷଣା କେନ୍ଦ୍ର ରହିଛି । ଏଚ୍‌ଏଚ୍‌ଆରଡି ପାକ୍‌ରେ ଏକ ସମ୍ମିଳନୀର ଆୟୋଜନ




କରିଥିଲା ଯାହାର ଅଧ୍ୟକ୍ଷତା ଅଲ-ଖିଦମତ୍ କରିଥିଲା । ଏହି ଅଲ-ଖିଦମତ ହେଉଛି ଜମାତେ ଇସଲାମୀର ଏକ ଶାଖା । ବିଶ୍ୱ ସନ୍ତ୍ରାସବାଦୀ ଘୋଷିତ ହିଜବୁଲ ମୁଖ୍ୟ ସୟଦ ସଲାହୁଦ୍ଦୀନ ଅଲ ଖିଦମତ ଏବଂ ଘଜାଲି ଏଜୁକେଶନ ଟ୍ରଷ୍ଟ ସହ ମିଶି ସାଧାରଣରେ କାର୍ଯ୍ୟକ୍ରମମାନ କରିବା ଦେଖାଯାଇଥାଏ । ଅଲ୍-ଖିଦମତ ସହ ଏଚ୍‌ଏଚ୍‌ଆର୍‌ଡି ପ୍ରାୟ ୨୧୪ଟି ପ୍ରକଳ୍ପରେ ସାମିଲ ହୋଇଛି । ଏହାଛଡା ଜମାତେ ଇସଲାମୀର କରାଚି ଶାଖାର ଅମୀର ଥିବା ହାଫିଜ ନୟିମ ଉର୍ ରହମାନର ସଂପର୍କ ଏଚ୍‌ଏଚ୍‌ଆର୍‌ଡି ଏବଂ ହିଜବୁଲ ମୁଜାହିଦ୍ଦୀନ ସହ ରହିଛି । ରହମାନ ୨୦୧୬ରେ କାଶ୍ମିରୀ ସନ୍ତ୍ରାସବାଦୀ ବୁରହାନ୍ ୱାନୀର ଶୋକପାଳନ ପାଇଁ ହିଜବୁଲ ମୁଜାହିଦ୍ଦୀନର କମାଣ୍ଡର ସଲାହୁଦ୍ଦୀନ ସହ ସାମିଲ ଥିବା ଦେଖାଯାଇଥିଲା । ପରବର୍ତ୍ତୀ କାଳରେ ଏହି ସଂପର୍କର ସୂତ୍ରକୁ କାଗଜପତ୍ରରୁ ଲିଭାଇଦେବାକୁ ଚେଷ୍ଟା କଲେ ମଧ୍ୟ ପ୍ରମାଣ କେଉଁଠି ନା କେଉଁଠି ରହିଯାଇଛି । ଫାଇନାନ୍‌ସିଆଲ ଆକସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଚାପରେ ଏସବୁ କରାଯାଇଥିଲେ ମଧ୍ୟ ଅଭିଲେଖାଗାରର କାଗଜପତ୍ରରେ ସେସବୁର ପ୍ରମାଣ ରହିଛି ।

ଇସ୍‌ନା (ଇସଲାମିକ କାଉନସିଲ ଅଫ୍ ନର୍ଥ ଆମେରିକା)ର ୨୪ତମ ବାର୍ଷିକ ଉତ୍ସବରେ ଯେଉଁମାନେ ଅତିଥି ଭାବେ ଯୋଗଦାନ କରିଥିଲେ ସେମାନେ ଯୁଦ୍ଧ ଅପରାଧୀ କିମ୍ବା ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ସାମିଲ ରହିଛନ୍ତି । (କ) ପାଲେଷ୍ଟାଇନର ସନ୍ତ୍ରାସୀ ଗୋଷ୍ଠୀ ହାମାସର ପ୍ରତିନିଧି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଶେଖ୍ ମହମ୍ମଦ ସିୟାମ ହେଉଛି ଅଲ୍-ଅସ୍‌କା ମସଜିଦର ଜଣେ ପୂର୍ବତନ ଇମାମ୍ । ଆମେରିକାର ଅନୁସନ୍ଧାନକାରୀ ସଂସ୍ଥା ଏଫ୍‌ବିଆଇର ଏକ ଯାଞ୍ଚରୁ ଜଣାପଡିଥିଲା ଯେ ହୋଲି ଲାଣ୍ଡ ଫାଉଣ୍ଡେସନ ଏବଂ ହାମାସର ଉପସ୍ଥିତି ଆମେରିକାରେ ରହିଛି ଏବଂ ଏମାନେ ଚାନ୍ଦା ଆଦାୟ କରୁଛନ୍ତି । ଫେବୃଆରୀ ୨୦୧୯ରେ ମୃତ୍ୟୁବରଣ କରିଥିବା ଶେଖ୍ ମହମ୍ମଦ ସିୟାମ୍ ୧୯୯୪ରେ ଲସ୍ ଏଞ୍ଜେଲସଠାରେ ଆୟୋଜିତ ଏକ ସମ୍ମିଳନୀରେ ହାମାସ୍‌ର ଗାଜାଠାରେ କାର୍ଯ୍ୟରତ ସେନାମୁଖ୍ୟ ଭାବେ ଯୋଗ ଦେଇଥିଲା । (ଖ) ସେହିପରି ବଙ୍ଗଳାଦେଶର ଜମାତେ ଇସଲାମୀର ଅମୀର ବା ମୁଖ୍ୟଭାବେ କାର୍ଯ୍ୟ କରିଥିବା ଘୁଲାମ ଆଜାଦ ବଙ୍ଗଳାଦେଶୀ ରାଜନେତା । ବଙ୍ଗଳାଦେଶ ମୁକ୍ତି ଯୁଦ୍ଧ ସମୟରେ ୧୯୭୧ରେ ସେ ଅନେକ ଗଣହତ୍ୟା ସହ ସଂପୃକ୍ତ ରହିଥିଲେ । ଇଣ୍ଟରନେସନାଲ କ୍ରାଇମ୍ ଟ୍ରିବ୍ୟୁନାଲ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ୨୦୧୩ରେ ରାୟ ପ୍ରକାଶ ପାଇବା ସହ ତାଙ୍କୁ ୯୦ବର୍ଷ କାରାଦଣ୍ଡ ପାଇଁ ପଠାଯାଇଥିଲା । ପରେ ୨୦୧୪ରେ ତାଙ୍କର ମୃତ୍ୟୁ ହେଲା । (ଗ) ଅନ୍ୟଜଣେ ବ୍ୟକ୍ତି ଡାକ୍ତର ମହମ୍ମଦ ଆୟୁବ ଠାକୁର ହେଉଛି ଜଣେ କାଶ୍ମିରୀ ସନ୍ତ୍ରାସବାଦୀ, ଯିଏକି ଆଇଏସ୍‌ଆଇ ପାଇଁ କାର୍ଯ୍ୟକରୁଥିଲା । ୧୯୮୧ରେ ସେ ଭାରତ ଛାଡି ବ୍ରିଟେନରେ ବସବାସ କରିଆସୁଛି । ବ୍ରିଟେନରେ ସେ ତିନୋଟି ସଂଗଠନ ୱାର୍ଲଡ କାଶ୍ମିର ଫ୍ରିଡମ ମୁଭମେଣ୍ଟ, ଦି ଜଷ୍ଟିସ ଫାଉଣ୍ଡେସନ ଏବଂ ମର୍ସି ୟୁନିଭର୍ସାଲ ଚଳାଉଛି । ମର୍ସି ୟୁନିଭର୍ସାଲ ମାଧ୍ୟମରେ ସେ ଆଇଏସ୍‌ଆଇ ଠାରୁ ସହାୟତା ଲାଭ କରିବାପରେ ସେହି ଅର୍ଥକୁ ସନ୍ତ୍ରାସବାଦୀ ସଂଗଠନ ଏବଂ କାଶ୍ମିରରେ କାର୍ଯ୍ୟରତ ମହିଳା ସନ୍ତ୍ରାସବାଦୀ ନେତ୍ରୀ ଆସିୟା ଅନ୍ଦ୍ରାବି ଏବଂ ତାର ସଂଗଠନ ଦୁଖତରାନ୍ -ଇ- ମିଲ୍ଲତକୁ ପଠାଇଥାଏ । (ଘ) ଆମେରିକାର ଜଣେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ବ୍ୟକ୍ତି ଜେଫ୍ରେ କେଅର୍ସେ ଇସଲାମରେ ଯୋଗଦାନ ପରେ ଇମାମ ସିରାଜ ୱାହଜ ନାମ ଗ୍ରହଣ କରିଛି । ସେ ଇସ୍‌ନାର ଜଣେ ପୂର୍ବତନ ଉପାଧ୍ୟକ୍ଷ ଏବଂ ଉତ୍ତର ଆମେରିକାର ମୁସଲିମ ଆଲିଆନ୍ସର ସେ ଜଣେ ନେତା । ୧୯୯୩ରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରକୁ ବିମାନମାଡ କରି ଧ୍ୱଂସ କରିବା ଷଡଯନ୍ତ୍ରରେ ସାମିଲ ରହି ବୋମା ପ୍ରସ୍ତୁତ କରିଥିବା କ୍ଲେମାଣ୍ଟ ରଡନୀ ହାମ୍ପଟନ-ଏଲ୍ ସହ ୱାହଜର ସଂପର୍କ ରହିଥିଲା । ସିରାଜର ପୁତ୍ର ସିରାଜ ୱାହଜ (ଜୁନିଅର) ୨୦୧୮ରେ ନିଉ ମେକ୍ସିକୋ ପୁଲିସ ଗିରଫ କରିଥିଲା । ୧୧ଜଣ ପିଲାଙ୍କୁ ଅଟକରଖି ସନ୍ତ୍ରାସବାଦରେ ସାମିଲ କରିବାକୁ ଯୋଜନା କରିଥିଲା ବେଳେ ପୁଲିସ ସିରାଜ ସହ ଅନ୍ୟ ପାଞ୍ଚଜଣଙ୍କୁ ଗିରଫ କରିଥିଲା । ଏମାନେ ଆମେରିକାରେ ଆକ୍ରମଣ ପାଇଁ ପିଲାମାନଙ୍କୁ ଆତ୍ମଘାତୀ ବୋମା ଭାବେ ବ୍ୟବହାର କରିଥା'ନ୍ତେ ।

ଇସଲାମିକ୍ ସର୍କଲ ୨୦୧୬ରେ ବଙ୍ଗଳାଦେଶର ଜମାତେ ଇସ୍‌ଲାମୀ ଓ ଅଲ୍-ବଦର ନେତା ମୋତିଉର ରହମନ ନିଜାମୀକୁ ୧୯୭୧ ଯୁଦ୍ଧରେ ହିନ୍ଦୁ ନର ସଂହାର ମାଧ୍ୟମରେ ଇସଲାମର ସମ୍ମାନ ବୃଦ୍ଧି କରିଥିବା ହେତୁ ମରଣୋତ୍ତର ସମ୍ମାନ ପ୍ରଦାନ କରିଥିଲା । ରହମନ ଜଣେ ସଇତାନ ପ୍ରବୃତ୍ତିର ବ୍ୟକ୍ତି ଥିଲା । ୪ ଜୁନ୍ ୧୯୭୧ରେ ବଙ୍ଗଳାଦେଶର ପଲ୍‌ଟନ ଜିଲ୍ଲା ସ୍କୁଲର ମୁଖ୍ୟ କାଶିମଉଦ୍ଦୀନଙ୍କୁ ହତ୍ୟା କରିଥିଲା । ତା ବିରୁଦ୍ଧରେ ୪୫୦ ଲୋକଙ୍କୁ ହତ୍ୟା, ଧର୍ଷଣ ପରି ଅଭିଯୋଗ ରହିଥିଲା । ଢାକାର ମହମ୍ମଦପୁରସ୍ଥିତ ଶାରୀରିକ ପ୍ରଶିକ୍ଷଣ ସଂସ୍ଥାନରେ ସେ ସମସ୍ତ ପ୍ରକାର କୁକୃତ୍ୟ କରିଥିଲା । ପାବ୍‌ନାର କରମଜାର ଘରଦ୍ୱାର ଭାଙ୍ଗି ଲୁଟ୍ କରିବା ସହ ୮ ମଇ ୧୯୨୧ସେ ସେଠାରେ ସମସ୍ତ ପ୍ରକାର ଅତ୍ୟାଚାର ଚଳାଇଥିଲା । ୧୮ ଏପ୍ରିଲ ୧୯୭୧ରେ ଈଶ୍ୱରାର୍ଦ୍ଦି ପୁଲିସ ଥାନା ଅନ୍ତର୍ଗତ ଅରପରା ଏବଂ ଭୁସେରଗାମ ଗ୍ରାମରେ ସେ ୨୧ଜଣ ଗ୍ରାମବାସୀଙ୍କୁ ହତ୍ୟା କରିଥିଲା । ୯ ଡିସେମ୍ବର ୧୯୭୧ରେ ବ୍ରିସାଲିଖା ଗ୍ରାମରେ ସେ ୭୦ ହିନ୍ଦୁଙ୍କୁ ହତ୍ୟା କରିଥିଲା । ଘୃଣାତ୍ମକ ଭାଷଣ ଦେଇ ସେ ସାଧାରଣ ଲୋକଙ୍କୁ ହିଂସାକାଣ୍ଡ ପାଇଁ ଉତ୍ତେଜିତ କରୁଥିଲା । ବଙ୍ଗଳାଦେଶର ବୁଦ୍ଧିଜୀବୀ ଏବଂ ପେସାଦାର ଲୋକଙ୍କ ହତ୍ୟା ପଛରେ ତାର ବଡ ଭୂମିକା ରହିଥିଲା । ଦେଶଛାଡି ଚାଲିଯାଇଥିବା ମୋତିଉରର ବଙ୍ଗଳାଦେଶରେ ବିଚାର ହୋଇ ତାକୁ ଯୁଦ୍ଧ ଅପରାଧୀ ଘୋଷଣା କରାଯାଇଥିଲା । ୨୦୧୦ରେ ଶେଖ୍ ହାସିନା ଦ୍ୱିତୀୟଥର ପାଇଁ ସରକାରଙ୍କୁ ଆସିବା ପରେ ଜଷ୍ଟିସ ଫର୍ ଅଲ୍ ବଙ୍ଗଳାଦେଶ ଆଲର୍ଟ ନାମରେ ଏକ ପ୍ରକଳ୍ପ ଆରମ୍ଭ କରିଥିଲା । ଶେଖ ହାସିନା ବଙ୍ଗଳାଦେଶ ଯୁଦ୍ଧର ଗଣହତ୍ୟାକାରୀ ପାକ୍‌ସମର୍ଥକଙ୍କ ବିଚାର ପାଇଁ ଟ୍ରିବ୍ୟୁନାଲ ବସାଇବା ପରେ ଜଷ୍ଟିସ ଫର୍ ଅଭିଯୁକ୍ତଙ୍କୁ ସମ୍ମାନୀତ କରିବାର ମାର୍ଗ ପ୍ରଶସ୍ତ କରିଥିଲା । ଅସ୍ରଫୁଜ ଜମାନ ଖାଁ ଅନ୍ୟ ଜଣେ ଯୁଦ୍ଧ ଅପରାଧୀ ଥିଲେ ବି ବର୍ମା ଟାସ୍କ ଫୋର୍ସ ପରି ଜଷ୍ଟିସ ଫର ଅଲ୍ ପ୍ରକଳ୍ପର ପ୍ରତିଷ୍ଠାତା ସଦସ୍ୟ ରହିଥିଲା । ମୌଲାନା ମୌଦୁଦୀର ଅନୁବାଦକ ଖୁର୍ରମ ଝା ମୁରାଦ ପରି ଲୋକେ ସାଉଣ୍ଡ ଭିଜନର ସଂସ୍ଥା ପାଇଁ ମହାନ ହୋଇ ରହିଛନ୍ତି । ତାଙ୍କ ପୁତ୍ର ଅହମ୍ମଦ ମୁରାଦ ଏହି ସଂସ୍ଥାର ପ୍ରତିଷ୍ଠାତା ସଦସ୍ୟ ଓ ପୂର୍ବତନ ଉପାଧ୍ୟକ୍ଷ ରହିଛନ୍ତି । ତେଣୁ ଇସ୍‌ନା ଏବଂ ଜେଏଫ୍‌ଏ ପରି ସଂଗଠନର ହିଂସା ଏବଂ ସନ୍ତ୍ରାସପ୍ରୀତି ଏଥିରୁ ଜଣାପଡେ । ଏହିସବୁ ସଂଗଠନ ଆମେରିକାରେ ହିନ୍ଦୁ ବିରୋଧୀ ଭାରତ ବିରୋଧୀ ଗୋଷ୍ଠୀର ଏକ ନେଟୱାର୍କ ଚଳାଇ ଆସିଛନ୍ତି ।

# ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦିଅ !

ନିକଟରେ କେନ୍ଦ୍ର ସରକାର କେତେକ ରବି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଘୋଷଣା କରିଛନ୍ତି । ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ସର୍ବାଧିକ ନୁହେଁ କିମ୍ବା ସର୍ବନିମ୍ନ ନୁହେଁ ବୋଲି କୁହାଯାଇପାରେ । ଏହା ସତ୍ୟ ଯେ, କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଆମ ଦେଶରେ ଏକ ନିତିଦିନିଆ ଦାବିରେ ପରିଣତ ହୋଇଛି । ଯାହାକୁ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଂଗଠନଗୁଡିକ ଏକ ପ୍ରମୁଖ ଅସ୍ତ୍ର ଭାବେ ଗ୍ରହଣ କରି ଆସିଛନ୍ତି । ବହୁଚର୍ଚ୍ଚିତ କୃଷି ବିଲରେ ଏମଏସପି ଉଚ୍ଛେଦ ଆଂଶକାରେ ଦେଶରେ କୃଷକ ସଂଗଠନଗୁଡିକ ଦୀର୍ଘ ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରିବା ହୁଏତ କେହି ମନରୁ ପାଶୋରି ନଥିବେ । ଶେଷରେ ଚାଷୀଙ୍କ ଦାବି ନିକଟରେ ମୁଣ୍ଡ ନୁଆଁଇ ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଥିଲେ । ଅନ୍ୟପକ୍ଷରେ ଚାଷୀଙ୍କ ସମର୍ଥନ ପାଇଁ ରାଜନୈତିକ ଦଳଗୁଡିକ ଏମଏସପି ବୃଦ୍ଧି ଦାବି କରି ହଟଚମଟ ସୃଷ୍ଟି କରିବା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି । କହିବା ବାହୁଲ୍ୟ ଚାଷରେ ଲାଭ ହାର ଅତି ନଗଣ୍ୟ । ଏହାସାଙ୍ଗକୁ ବିହନ, ରାସାୟନିକ ସାରଠାରୁ ଆରମ୍ଭ କରି ମଜୁରୀ ଏବଂ ବିଭିନ୍ନ ଚାପ ଉପକରଣର ଅହେତୁକ ମୂଲ୍ୟ ବୃଦ୍ଧି ସାଙ୍ଗକୁ ବନ୍ୟା, ବାତ୍ୟା, ମରୁଡି, ପରି ପ୍ରାକୃତିକ ବିପର୍ଯ୍ୟୟ ଚାଷ ପ୍ରତି ଚାଷୀଙ୍କୁ ବିମୁଖ କରିଦେଇଥିବାବେଳେ ପ୍ରଚୁର ଅମଳ ସମୟରେ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇଛି । ଚାଷୀର ଆୟ ହ୍ରାସ ପାଇଥିବାବେଳେ ବେପାରୀ ମାଲେମାଲ ହୋଇଥାଏ । ତେବେ ଚାଷୀଙ୍କୁ ବେପାରୀ, ଦଲାଲଙ୍କ କବଳରୁ ରକ୍ଷାକରିବା ପାଇଁ ସରକାର ମଣ୍ଡି ଖୋଲିଛନ୍ତି । ମଣ୍ଡିରେ ସରକାର ଏମଏସପି ମୂଲ୍ୟରେ ଚାଷୀଙ୍କଠାରୁ ଶସ୍ୟ କିଣନ୍ତି । ମାତ୍ର ଆମ ଦେଶରେ ମଣ୍ଡି ଅବ୍ୟବସ୍ଥା, ଚାଷୀଙ୍କ ହୀନସ୍ତା ବୋଧହୁଏ କାହାରିକୁ ଅଛପା ନଥିବ । ଏହାସତ୍ତ୍ୱେ ମଣ୍ଡିରେ ଏମଏସପି ବା ସରକାରୀ ଦରରେ ଚାଷୀଙ୍କଠାରୁ ଅମଳ ଫସଲ କିଣା ଚାଷୀଙ୍କ ପାଇଁ ଏକ ବରଦାନ ହୋଇ ରହିଛି, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ନିକଟରେ କେନ୍ଦ୍ର ସରକାର ଗହମର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୦୦ ଟଙ୍କା ବୃଦ୍ଧି କରିଛନ୍ତି । ଫଳରେ ଗହମର କ୍ୱିଂଟାଲ ପିଛା ମୂଲ୍ୟ ୨୦୨୫ ଟଙ୍କାକୁ ବୃଦ୍ଧି ପାଇଛି । ଗତ ଦୁଇବର୍ଷ ତୁଳନାରେ ଏହା ଯଥେଷ୍ଟ ଅଧିକ । ଗତ ଦୁଇବର୍ଷ ମଧ୍ୟରେ ଯଥାକ୍ରମେ କ୍ୱିଂଟାଲ ପିଛା ୪୦ ଟଙ୍କା ବୃଦ୍ଧି ପାଇଥିଲା । ତେବେ ଚଳିତ ବର୍ଷ ଏକାଥରକେ କ୍ୱିଂଟାଲ ପିଛା ୧୦୦ ଟଙ୍କା ବୃଦ୍ଧିର ଯଥେଷ୍ଟ କାରଣ ରହିଛି । ଗତ ଅକ୍ଟୋବର ପହିଲା ସୁଦ୍ଧା ଦେଶରେ ଗହମର ମହଜୁ ପରିମାଣ ୨୨.୭୫ ମିଲିଅନ ଟନ ଥିଲା । ଯାହାକି ଗତବର୍ଷ ଏହି ସମୟରେ ୪୬.୮୫ ମିଲିଅନ ଟନ ଥିଲା । ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶରେ ଗହମ ଫସଲ କ୍ଷତିଗ୍ରସ୍ତ ହେବା ସହ ଉତ୍ପାଦକ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିନାହିଁ । ପରିଣତି ସ୍ୱରୂପ କେତେକ ରାଜ୍ୟକୁ ଜାତୀୟ ସୁରକ୍ଷା ଯୋଜନାରେ ସରକାର ଗହମ ଯୋଗାଣ ସ୍ଥଗିତ ରଖିଥିବା ବେଳେ ବିଦେଶକୁ ରପ୍ତାନୀ ନିଷିଦ୍ଧ କରିଛନ୍ତି । ଚାଷୀଙ୍କଠାରୁ ୨୦.୫୨ ନିୟୁତ ଟନ ଗହମ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଯାହାଫଳରେ ଭାରତୀୟ ଖାଦ୍ୟ ନିଗମରେ ସରକାର ଆବଶ୍ୟକୀୟ ପରିମାଣର ଗହମ ମହଜୁଦ ରଖିପାରିବେ । କିନ୍ତୁ ଏହା ନିଶ୍ଚିତ ଯେ, ଯେତେବେଳେ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଉଛି, ସେତେବେଳେ ଖାଉଟିଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି । ଏବେ ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢିଚାଲିଥିବା ଜଣାଯାଏ । ଅବଶ୍ୟ ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ବୃଦ୍ଧି କେବଳ ଆମ ଦେଶରେ ସୀମିତ ନୁହେଁ । ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଏବେ ସମଗ୍ର ବିଶ୍ୱରେ ପଡିଛି । ଏହି ଦୁଇ ଦେଶରେ ବିଶ୍ୱର ମୋଟ ୪୦ ପ୍ରତିଶତ ଗହମ ଉତ୍ପାଦିତ ହେଉଥିବାବେଳେ ବିଦେଶକୁ ରପ୍ତାନୀ ବାଧାପ୍ରାପ୍ତ ହୋଇଛି । ସେହିପରି କେନ୍ଦ୍ର ସରକାର ସୋରିଷର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୪୦୦ ଟଙ୍କା ବୃଦ୍ଧି କରିଥିବାବେଳେ ଚଣାର କ୍ୱିଂଟାଲ ପିଛା ୧୦୫ ଟଙ୍କା ବୃଦ୍ଧି କରିଛନ୍ତି । ରବି ଋତୁ ଆରମ୍ଭ ପୂର୍ବରୁ ସରକାର ବିଭିନ୍ନ ରବି ଫସଲର ଏମଏସପି ବୃଦ୍ଧି କରିବା ହେଉଛି ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା । ଚାଷୀ ଚାଷ କରୁଛି । ଅଭାବୀ ବିକ୍ରିର ପ୍ରତିବର୍ଷ ସମ୍ମୁଖୀନ ହେଉଛି । ଚାଷୀଙ୍କୁ ଦେଢଗୁଣ ଆୟ ଦେବା ପାଇଁ ସ୍ୱାମୀନାଥନ କମିଟି ସୁପାରିଶ କରିଥିବା ବେଳେ ଇତିମଧ୍ୟରେ ତିନି ଦଶନ୍ଧି ବିତିଯାଇଥିଲେ ମଧ୍ୟ ଦେଶରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । କେନ୍ଦ୍ର ହେଉ ବା ରାଜ୍ୟ ହେଉ ସରକାରମାନେ ଚାଷୀଙ୍କୁ ଅଧିକ ଆୟ ଦେଉଥିବ ଦାବି କରୁଥିବାବେଳେ ବାସ୍ତବରେ ତାହା ହୋଇପାରିଛି । ଚାଷୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ କୃଷି କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିଛି । ମାତ୍ର ଚାଷୀଙ୍କ ପ୍ରତି କ୍ରମାଗତ ଅବହେଳା ଭବିଷ୍ୟତରେ ଚାଷ ପ୍ରତି ସେମାନଙ୍କର ବିମୁଖର କାରଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଅନ୍ୟପକ୍ଷରେ ୨୦୫୦ ମସିହା ବେଳକୁ ଦେଶରେ ଗୁରୁତର ଖାଦ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି କୃଷିବିତ୍‌ମାନେ ଆଶଙ୍କା ପ୍ରକାଶ କରିସାରିଲେଣି । ଖାଦ୍ୟଶସ୍ୟରେ ଦେଶକୁ ଆତ୍ମନିର୍ଭରଶୀଳତା ଅକ୍ଷୁର୍ଣ୍ଣ ରଖିବାକୁ ହେଲେ, ଚାଷ ଓ ଚାଷୀଙ୍କ ପ୍ରତି ଅବହେଳା ଗ୍ରହଣୀୟ ନୁହେଁ । ଚାଷୀଙ୍କ ଆୟ ଦେଢଗୁଣା କରିବାର ସମୟ ଏବେ ଆସିଛି ।

# ସ୍କାଉଟ୍ ଗାଇଡ୍ ତରଫରୁ ଅଭିନବ ଜନ୍ମଦିନ ପାଳନ



ଭୁବନେଶ୍ୱର (ପିଏନ୍)-ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟ ମୁଖ୍ୟ କମିଶନରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ରସୁଲଗଡସ୍ଥିତ ମୋହିନି ପ୍ରମିଳା ଜରାନିବାସ ଯାଇ ସେଠାରେ ଥିବା ବୃଦ୍ଧବୃଦ୍ଧା ଲୋକମାନଙ୍କୁ ଭେଟି ସେମାନଙ୍କର ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ଶୀତ ଦିନରେ ସେମାନେ ଶୀତରୁ ରକ୍ଷାପାଇବା ପାଇଁ ଜରାନିବାସରେ ଥିବା ୪୦ରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ରାଜ୍ୟ ମୁଖ୍ୟକମିଶନର ଶ୍ରୀ ମିଶ୍ର ଗୋଟିଏ ଗୋଟିଏ କମ୍ବଳ ଦେବା ସହିତ ସେମାନଙ୍କ ଲାଗି ଖାଦ୍ୟ ଏବଂ ପାନୀୟ ଦେଇଥିଲେ । ଜରା ନିବାସରେ ଥିବା ଅନ୍ତେବାସୀମାନେ ଡଃ ମିଶ୍ରଙ୍କୁ ଏଭଳି କାର୍ଯ୍ୟ କରିଥିବାରୁ ବହୁତ ପ୍ରଶଂସା କରିବା ସହିତ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଡଃ. ମିଶ୍ରଙ୍କ ସହିତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଚନ୍ଦ୍ରଶେଖରପୁରସ୍ଥିତ ଏକ ଅନାଥ ଆଶ୍ରମ ଯାଇ ଛୋଟ ଛୋଟ ପିଲାମାନଙ୍କ ଗହଣରେ କେକ୍ କାଟି ଜନ୍ମଦିନ ପାଳନ କରିବା ସହିତ ସମସ୍ତ ପିଲାମାନଙ୍କୁ କେକ୍ ଦେବା ସହିତ ସ୍କୁଲ ବ୍ୟାଗ, ଖାତା, ପେନ୍‌ସିଲ୍ ଏବଂ ଚକ୍‌ଲେଟ୍ ଦେଇଥିଲେ । ଏହି ଜିନିଷ ପାଇବା ପରେ ପିଲାମାନଙ୍କ ମନରେ ଖୁସିର ଲହରି ଖେଳିଯାଇଥିଲା । ଏଭଳି ଅଭିନବ ଭାବରେ ପିଲାମାନଙ୍କ ଗହଣରେ ନିଜର ଜନ୍ମଦିନଟିକୁ ପାଳନ କରିଥିବାରୁ ରାଜ୍ୟ ମୁଖ୍ୟ କମିଶନର ନିଜର ଖୁସିବ୍ୟକ୍ତ କରିବା ସହିତ ରାଜ୍ୟମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ସୁକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ମାଣ୍ଡିଆ ଉତ୍ସବ ପାଳିତ



ଭୁବନେଶ୍ୱର (ପିଏନ୍): ବୁଦ୍ଧମନ୍ଦିର ପରିସରରେ ସୁକଲ୍ୟାଣୀ ଟ୍ରଷ୍ଟ ତରଫରୁ ପ୍ରଥମ ମାଣ୍ଡିଆ ଦିବସ ପାଳନ କରାଯାଇଅଛି । ଏହି ଉତ୍ସବକୁ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଓଡ଼ିଶା ପ୍ରଶାସନିକ ଅଧିକାରୀ ସନ୍ନ୍ୟାସ କୁମାର ବେହେରା ଓ ସମାଜସେବୀ ଜ୍ୟୋତ୍ସ୍ନା ଦାସ, ସମାଜସେବୀ ମଧୁମିତା ରଥ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଉତ୍କଳ ଦୃଷ୍ଟିହୀନ ସଂଘର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଓଡ଼ିଆ ମାଟିର ନିଜସ୍ୱ ଶସ୍ୟ ମାଣ୍ଡିଆରୁ ପ୍ରସ୍ତୁତ ମାଣ୍ଡିଆ ରୁଟି, ଡାଲି, ପୁରୀ ଇତ୍ୟାଦି ସୁକଲ୍ୟାଣୀ ଟ୍ରଷ୍ଟ ତରଫରୁ ମା' ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ନିବେଦନ କରାଯାଇଥିଲା । ସୁକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ କମ୍ବଳ ବିତରଣ କରାଯାଇଥିଲା । ଆଗାମୀ ଦିନରେ ମାଣ୍ଡିଆକୁ ନେଇ ନୂଆ ଖାଦ୍ୟଶିଳ୍ପ ମାଧ୍ୟମରେ ବହୁ ବେରୋଜଗାରୀ ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରାଯାଇ ପାରିବ ବୋଲି ସୁକଲ୍ୟାଣୀ ଟ୍ରଷ୍ଟର ଅଧ୍ୟକ୍ଷା ସାଇପ୍ରଭା ବିଶ୍ୱାଳ ସୂଚନା ଦେଇଛନ୍ତି । ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଣ୍ଡିଆ ମିଶନ୍ ମାଧ୍ୟମରେ ସକ୍ରୀୟ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ଅଟଳଜୀ; ଭାରତୀୟ ରାଜନୀତିର ଭୀଷ୍ମ

ଜଣେ ସଚ୍ଚା ଜାତୀୟତାବାଦୀ, ରାଷ୍ଟ୍ରବାଦୀ ଦୂରଦୃଷ୍ଟି ସମ୍ପର୍ଣ୍ଣ ବିଶାଳ ହୃଦୟର ନେତା ଅଟଳ ବିହାରୀ ବାଜପେୟୀଙ୍କୁ ଭାରତର ରାଜନୈତିକ ଇତିହାସରେ ପିତାମହ ଭୀଷ୍ମ ବୋଲି କୁହାଯାଏ । ଜଣେ ବିଚକ୍ଷଣ ରାଜନେତା, ପ୍ରଚଣ୍ଡ କବି ପ୍ରତିଭାର ଅଧିକାରୀ, ଆନ୍ତର୍ଜାତିକ ସ୍ତରରେ ଜଣେ ସଫଳ କୁଟନିତିଜ୍ଞ ଓ କୋଟି ହୃଦୟର ନେତା ଥିଲେ ଅଟଳଜୀ । ନିଆରା ଭାଷଣ ଦେବାର ଶୈଳୀରେ ମନ୍ତ୍ରମୁଗ୍ଧ କରି ଦିଅନ୍ତି ରୁଣ୍ଡିଭୁତ ଜନତାଙ୍କୁ । କହିବା ଭିତରେ ବେଳେ ବେଳେ ଆଖିପତା ବୁଜି ହେଇ ଯାଉଥାଏ । ପିତାମହ ଭୀଷ୍ମଙ୍କ ପରି ବହୁବାର ଶରଶଯ୍ୟାରେ ପଡ଼ିଛନ୍ତି । ସହିଛନ୍ତି ଆଉ ଶରବ୍ୟ ହୋଇଛନ୍ତି ଅସଂଖ୍ୟ ଉପହାସ ଓ ଅଟ୍ଟହାସ୍ୟର , କିନ୍ତୁ ଖାତିରି କରି ନାହାଁନ୍ତି ନିନ୍ଦୁକ ମାନଙ୍କୁ । ୧୯୯୬ ରେ ମାତ୍ର ତେରଦିନ ପାଇଁ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ କିନ୍ତୁ ପ୍ରମାଣ କରି ପାରି ନଥିଲେ ସଂଖ୍ୟା ଗରିଷ୍ଠତା । ଇସ୍ତଫା ଦେଇଥିଲେ ପଦରୁ । ତେରଦିନର ପ୍ରଧାନମନ୍ତ୍ରୀ ଭାବରେ ସଂସଦରେ ତାଙ୍କର ଶେଷ ଭାଷଣ ଯେଉଁମାନେ ଶୁଣିଥିବେ, ନିଶ୍ଚିତ ଅନୁଭବ କରିଥିବେ ଏହି ମହାନ ତ୍ୟାଗୀ,ଚିର ଅବିବାହିତ ଯୋଗୀ ପ୍ରତିମ ନେତାଙ୍କର ମହାନତାକୁ । କ୍ଷମତା ନୁହଁ,ଦେଶ ବଡ଼ , ତାଙ୍କ କଥା ଓ କାର୍ଯ୍ୟରେ ବାରମ୍ବାର ପ୍ରତିଧ୍ୱନିତ ହୋଇଛି ଏହି ବାର୍ତ୍ତା । ପୁଣିଥରେ ୧୯୯୮ ରେ ହୋଇଥିଲେ ଭାରତର ପ୍ରଧାନମନ୍ତ୍ରୀ ମାତ୍ର ତେରମାସ ପାଇଁ । ଇତି ମଦ୍ଧରେ ପଡୋଶୀ ପାକିସ୍ତାନ ରଚିଛି ଚକ୍ରବ୍ୟୁହ ଭାରତ ପାଇଁ କିଛିଟା ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ । ଆରମ୍ଭ ହୋଇଛି କାର୍ଗିଲ୍ ଯୁଦ୍ଧ । ଦେଶପ୍ରେମ ଓ ସାହସିକତାର ପ୍ରମାଣ ଦେଇଛନ୍ତି ଅଜାତଶତ୍ରୁ ଅଟଳ । ପାକିସ୍ତାନର ପରମାଣୁ ଯୁଦ୍ଧର ଧମକ ଆଗରେ ମୁଣ୍ଡ ନଇଁ ନାହାଁନ୍ତି ସରଳ କିନ୍ତୁ ପରିସ୍ଥିତି ପାଇଁ କଠୋର ନିଷ୍ପତ୍ତି ନେଇ ପାରୁଥିବାର ପ୍ରଚ଼ଣ୍ଡ କ୍ଷମତା ରଖୁଥିବା ବାଜପେୟୀ ସାହେବ । ଜବାବ୍ ଦେଇଛନ୍ତି କଠୋର ଭାଷାରେ । ପରମାଣୁ ବୋମା ପକେଇ ହୁଏତ ପାକିସ୍ତାନ ଭାରତର ଗୋଟିଏ ସହରକୁ ଧ୍ୱଂସ ମୁହଁକୁ ଠେଲିଦେଇ ପାରେ କିନ୍ତୁ ରାତି ପାହିଲା ବେଳକୁ ସଂପୂର୍ଣ୍ଣ ପାକିସ୍ତାନ ହଜି ଯାଇଥିବ ବିଶ୍ୱ ମାନଚିତ୍ରରୁ । ଶେଷରେ ଆମେରିକାର ତତ୍କାଳିନ ରାଷ୍ଟ୍ରପତିଙ୍କ ମଦ୍ଧସ୍ତତାରେ ବିରାମ ନେଇଛି ଯୁଦ୍ଧ । ହଟି ଯାଇଛନ୍ତି ସନ୍ତ୍ରାସବାଦୀଙ୍କ ସମେତ ପାକିସ୍ତାନର ସୈନିକ ମାନେ ପଛକୁ । ୧୯୯୯ ନିର୍ବାଚନରେ ବାଜପେୟୀଙ୍କ ନେତୃତ୍ୱାଧୀନ ମେଣ୍ଟ ହାସଲ କରିଥିଲା ସଂଖ୍ୟା ଗରିଷ୍ଠତା । ବାଜପେୟୀଙ୍କ ବ୍ୟକ୍ତିତ୍ୱ ଆଗରେ ଫିକା ପଡି ଯାଇଥିଲେ ସମସ୍ତେ । ଏକାକୀ ଭାରତୀୟ ଜନତା ପାର୍ଟି ହାସଲ କରିଥିଲା ୧୮୨ ଟି ଆସନ ଲୋକସଭାରେ । ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବରେ ପୂରଣ କରିଥିଲେ ପୁରା କାର୍ଯ୍ୟକାଳ । ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା, ନଦୀ ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ,୨୦୦୧ ରେ ସର୍ବଶିକ୍ଷା ଅଭିଯାନର ଶୁଭାରମ୍ଭ ତାଙ୍କର ମାନସ ପୁତ୍ର ସବୁ । କାର୍ଗିଲ୍ ଯୁଦ୍ଧର ସଫଳତା ତାଙ୍କ ଛବିକୁ କରିଛି ଆହୁରି ଗରୀଆନ । ଏମିତି ସୁଉଚ୍ଚ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଯାହାଙ୍କୁ ସମସ୍ତେ ଭଲ ପାଆନ୍ତି ହୃଦୟରେ ଏପରିକି ରାଜନୀତିର ମୈଦାନରେ ତାଙ୍କୁ ଘୋର ବିରୋଧ କରୁଥିବା ନେତୃବୃନ୍ଦ ମୁଣ୍ଡ ନୁଆଁଇ ଦିଅନ୍ତି ତାଙ୍କ ଭଳି ଜଣେ ଛଳଛଳ ସରଳ ମଣିଷର ବ୍ୟକ୍ତିତ୍ୱ ପାଖରେ । ୨୫ ଡିସେମ୍ବର ୧୯୨୪ ରେ ମଧ୍ୟପ୍ରଦେଶର ଗୋଆଲିୟର ରେ ଜନ୍ମ । ଭିକ୍ଟୋରିଆ ମହାବିଦ୍ୟାଳୟ, ଆଗ୍ରା,ରୁ ପାଶ୍ କରିଛନ୍ତି ଗ୍ରାଜୁଏସନ୍ । ତାପରେ ଆଗ୍ରା ବିଶ୍ୱବିଦ୍ୟାଳୟରୁ ହାସଲ କରିଛନ୍ତି ମାଷ୍ଟର ଡିଗ୍ରୀ । ଯୋଗ ଦେଇଛନ୍ତି ହିନ୍ଦୁ ଜାତୀୟତାବାଦୀ ସ୍ୱେଚ୍ଛାସେବୀ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଜଣେ ସାଧାରଣ ସଦସ୍ୟ ଭାବରେ । ଭାରତୀୟ ଜନସଂଘର ବି ସଦସ୍ୟ ରହିଛନ୍ତି ୧୯୫୧ ରୁ ୧୯୭୭ ଯାଏଁ । ୧୯୭୭ ରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ ଥିବା ବେଳେ, ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି ବାଜପେୟୀ । ହିନ୍ଦୀରେ ଭାଷଣ ଦେଇ ସୃଷ୍ଟି କରିଛନ୍ତି ଇତିହାସ ।



# ମୋ ଓଡ଼ିଶା

## କେନ୍ଦୁଝର ସହରରେ ପାନୀୟଜଳ ପାଇପ ବିଛାରେ ବ୍ୟାପକ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବୀ କଲା ବିଜେପି




କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ ପକାଇବାରେ ବ୍ୟାପକ ଦୁର୍ନୀତି ହୋଇଥିବା ସହ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ କରିଛି ବିଜେପି। ବିଭାଗ ପକ୍ଷରୁ ପାଣି ପାଇପ ବିଛା କାମ ପାଇଁ ଟେଣ୍ଡର ଆହ୍ୱାନ କରାନଯାଇ ଗୁପ୍ତ ଟେଣ୍ଡର କରାଯାଇ କାମ ବାଣ୍ଟି ଦିଆଯାଇଛି। କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ କେନ୍ଦୁଝରଗଡ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଏସଟି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମିତା ନାୟକ, ବିଜେପି କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର,ଜିଲ୍ଲା ବିଜେପି ସମ୍ପାଦକ ଶିବ କୁମାର ରାଠୋର,ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାଶ,ବରିଷ୍ଠ ବିଜେପି ନେତା ସତ୍ୟବ୍ରତ ନାୟକ ପ୍ରମୁଖ ଭିଜିଲାନ୍ସ ଡିଏସପି ଦୈତାରୀ ଘଡେଇ ଙ୍କୁ ଭେଟି ଏହାର ତଦ' ଦାବୀ କରିଛଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ଟି ଗୁପ୍ତ ଟେଣ୍ଡର କରାଯାଇ କିଛି ଠିକାଦାରଙ୍କୁ ମିଟର ପିଛା ୨୦୦ ଟଙ୍କା ଅଧିକ ପଇଠ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାସ୍ତା ଖୋଳି ପାଇପ ବିଛାଇବା ପାଇଁ ସରକାରୀ ଅର୍ଥ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ ବା ପିଏଚଇଡିକୁ ଆସିଥିବାବେଳେ ଏଥିପାଇଁ ଲାଗିଥିବା ପାଇପକୁ ସରକାରୀ ଭାବେ କିଣାଯାଇ କେବଳ ବିଛାଇବା ପାଇଁ ଛୋଟ ଛୋଟ ଟେଣ୍ଡର କରାଯାଇଥିଲା,ଯେଉଁ ଟେଣ୍ଡର ଅନଲାଇନ ମାଧ୍ୟମରେ ବା ଇ-ଟେଣ୍ଡର ମାଧ୍ୟମରେ କରା ନ ଯାଇ ନିଜର ଠିକାଦାରଙ୍କୁ କାମ ଦେବା ପାଇଁ ଅଫିସ କାର୍ଯ୍ୟାଳୟର ଟେଣ୍ଡର କରାଯାଇ ସମ୍ପାଦିତ କରାଯାଇଥିଲା। ତେବେ ଏହି ୧୦୦ଏମଏମ ଗୋଳେଇ ଥିବା ଏଚଡିପିଇ ପାଇପ ବିଛାଇବା ସକାଶେ ପ୍ରତି ମିଟରର ଦର ୧୩୫ଟଙ୍କା ୭୦ ପଇସା ଥିବାବେଳେ କେବଳ ଗୋଟିଏ ବିଲରେ ଏହି ଦର ପ୍ରଦାନ କରାଯାଇ ଅନ୍ୟ ସମସ୍ତ ବିଲରେ ୩୩୬ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ପ୍ରାୟ ୭ରୁ ଊର୍ଦ୍ଧ ବିଲରେ ଏହି ବର୍ଦ୍ଧିତ ଦର ପ୍ରଦାନ କରାଯାଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଏହି ବିଲ ଗୁଡିକ ପାଖାପାଖି ତାରିଖରେ ପ୍ରଦାନ କରାଯାଇଛି। ବରଂ ପରବ ୀ ତାରିଖରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ବିଲରେ କମ ପରିମାଣ ଦିଆଯାଇଥିବାବେଳେ ପୁରୁଣା ତାରିଖରେ ୱାର୍କଅର୍ଡର ପାଇଥିବା ଠିକାଦାରମାନଙ୍କୁ ଅଧିକ ତିନିଗୁଣା ଦରରେ ବିଲ ପ୍ରଦାନ କରାଯାଇଛି। ଏହି ଏଚଡିପିଇ ପାଇପ କେନ୍ଦୁଝର ଶ୍ରୀ ଅରବିନ୍ଦ ବିଦ୍ୟାଳୟ ନିକଟରେ ଥିବା ପିଏଚଇଡି କାର୍ଯ୍ୟାଳୟରୁ ପରିବହନ, ଗାତଖୋଳା, ପାଇପ ଲଗାଇବା ପାଇଁ ଏହି ଦର ପ୍ରଦାନ କରାଯାଇଛି। ସାତସିଙ୍ଗା ସରସ୍ୱତୀ ଶିଶୁମନ୍ଦିର ନିକଟ, କମାରଗୋଡା ହୁଡି ସାହି, ବଣିଆପାଟ ମୁଣ୍ଡା ସାହି, ଏଗ୍ରିକଲଚର କଲୋନୀ, ଏଲଆଇସି କଲୋନୀ, ବିଗ ବଜାର ନିକଟରେ ଥିବା ଗଳିରେ ଏହି କାର୍ଯ୍ୟରେ ୩୩୬ଟଙ୍କା ୪୦ ପଇସା ପ୍ରତି ମିଟର ପାଇଁ ପ୍ରଦାନ କରାଯାଇଛି। ପାଇପ ବିଛାଇବା ପାଇଁ ଶ୍ରମିକ ମଜୁରୀ ବାବଦରେ ଜଣେ ଠିକାଦାର ରାଜେନ୍ଦ୍ର ନାରାୟଣ ସେଠୀ ଙ୍କୁ ମିଟର ପ୍ରତି ୧୩୫ ଟଙ୍କା ୭୦ ପଇସା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଠିକାଦାର ବିପିନ ରାଉତ ଏବଂ ଅଖେଶଜି ଜେନାଙ୍କୁ ୩୩୬ ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ସମାନ କାମକୁ ୨୦୦ ଟଙ୍କା ଅଧିକ ପଇଠ କରାଯାଇଥିବାରୁ ଏହି କାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହର ପାଇଁ ସମସ୍ତ ବିଭାଗୀୟ କାର୍ଯ୍ୟ ଟେଣ୍ଡରର ଗୋଟିଏ ମୂଲ୍ୟ ରହିଥିବାବେଳେ ଏହି ତାରତମ୍ୟ ନିର୍ଦ୍ଦିଷ୍ଟ କିଛି ଲକ୍ଷ୍ୟ ରଖି କରାଯାଇଥିବା ଜଣାପଡିଛି। ଅସାଧୁ ଯନ୍ତ୍ରୀଙ୍କ ହାତ ଚିକ୍କଣ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି ବୋଲି ବିଜେପି ଅଭିଯୋଗ କରିଛି। କେନ୍ଦୁଝରଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୩୭୦୦ ମିଟର ପକାଯାଇ ବିଲ କରାଯାଇଥିବା ବେଳେ ବାସ୍ତବରେ ସେତିକି ମିଟର ପଡିଛି କି ନାହିଁ ତାହା ମଧ୍ୟ ତଦନ୍ତ ଦାବୀ କରାଯାଇଛି।

## ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ପାରଳା ମହାରାଜା



ଭୁବନେଶ୍ୱର (ପିଏନ୍): ନବ ଓଡିଶାର ବିନ୍ଧାଣୀ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗତକାଲି ବରପୁତ୍ରଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ମାଲ୍ୟାର୍ପଣ କରି କହିଥିଲେ ଯେ, ପାରଳା ମହାରାଜା ସେ ସମୟରୁ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ପାତାଳ ସିଂହ ପ୍ରମୁଖ ମାଲ୍ୟାର୍ପଣ କରି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଶେଷରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଡ. ଦ୍ୱାରୀକାନାଥ ମହାନ୍ତିଙ୍କୁ କୃଷ୍ଣଚନ୍ଦ୍ର ଗଜପତି ସମ୍ମାନରେ ସମ୍ମାନିତ କରିଥିଲେ।

## ପ୍ରଗତି କ୍ଲବ ପକ୍ଷରୁ ହଟକେଶ୍ୱର ମନ୍ଦିର ପରିସର ସଫେଇ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀସ୍ଥିତ ଶ୍ରୀ ଶ୍ରୀ ଏକାଦଶ ରୁଦ୍ର ହଟକେଶ୍ୱର ମନ୍ଦିର ପରିସରକୁ ସ୍ଥାନୀୟ ତଳସାହିର ପ୍ରଗତି କ୍ଲବ ପକ୍ଷରୁ ସଫେଇ କରାଯାଇଥିଲା। ସୂଚନା ଥାଉକି ହଟକେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା ସମୟରେ ଚାପ ଖେଳ ଦେଖିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏହି ସମୟରେ ପ୍ରସାଦ ସେବନର ବ୍ୟବସ୍ଥାରେ ବ୍ୟବହାର ହୋଇଥିବା ବିଭିନ୍ନ ପରିତ୍ୟକ୍ତ ଦ୍ରବ୍ୟ ଯଥା: ଖଲିପତ୍ର, ନଡିଆ କତା,କଦଳୀ ଚୋପା, ଦୀପ, ପଲିଥିନ ସମେତ ଦ୍ରବ୍ୟଗୁଡିକ ଏଣେତେଣେ ପଡି ପରିବେଶ ଅପରିଷ୍କାର ହୋଇଥିଲା। ଏଗୁଡିକୁ ପରିଷ୍କାର କରିଥିବାରୁ ସ୍ଥାନୀୟ କ୍ଲବର ସଦସ୍ୟଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବର୍ଷିଆନ ମାର୍କ୍ସବାଦୀ ନେତା ଶିବାଜୀ ପଟ୍ଟନାୟକଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର (ପିଏନ୍): ବର୍ଷିଆନ୍ କମ୍ୟୁନିଷ୍ଟ ନେତା, ଓଡିଶାରେ ସି.ପି.ଆଇ.(ଏମ୍)ର ଭଗିରଥ, ମାର୍କ୍ସବାଦୀ ଦାର୍ଶନିକ ଓ ତତ୍ୱବିତ୍ ଶ୍ରୀ ଶିବାଜୀ ପଟ୍ଟନାୟକଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ। ଛାତ୍ର ଅବସ୍ଥାରେ ଛାତ୍ର ଫେଡେରେସନ୍‌ରେ ଯୋଗ ଦେଇ ଟ୍ୟୁସନ୍ ଫିସ୍ ବୃଦ୍ଧି ବିରୋଧୀ ଆନ୍ଦୋଳନ ଏବଂ ରାଜ୍ୟ ପୁନର୍ଗଠନ ଆନ୍ଦୋଳନରେ ଯୋଗଦେଇ ନିଜର ସାଂଗଠନିକ ପାରଦର୍ଶିତା ପ୍ରମାଣିତ କରିଥିଲେ। ପରେ ମାତ୍ର ୧୭ ବର୍ଷ ବୟସରେ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟତା ଲାଭ କରିଥିଲେ। ଏଥିସହ କୃଷକ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ମଧ୍ୟ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ପରେ ସେ ଓଡିଶାରେ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ବିଭିନ୍ନ ସ୍ଥାନରେ ସଂଗଠନମାନ ଗଠନ କରିଥିଲେ। ଦେଶର ଅନ୍ୟତମ ଶକ୍ତିଶାଳୀ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ "ସି.ଆଇ.ଟି.ୟୁ" ର ସେ ଥିଲେ ପ୍ରଥମ ସଭାପତି ଏବଂ ପାଖାପାଖି ଦେଢ ଦଶନ୍ଧି ଧରି ଏହି ପଦବୀରେ ରହିଥିଲେ। ୧୯୬୪ ମସିହାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଗଠନ ପରେ ଓଡିଶାରେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ। ୧୯୭୨ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟ କମିଟିର ସମ୍ପାଦକ, ୧୯୭୮ ରୁ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ର କମିଟିର ସଦସ୍ୟ ରହିଥିଲେ। ଜଣେ ଲୋକପ୍ରିୟ ନେତା ଭାବେ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ୩ ଥର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମଜିବୀ ଜନଗଣ ବିଶେଷ କରି ଓଡିଶାର ସ୍ୱାର୍ଥ ସମ୍ବଳିତ ସମସ୍ୟା ଗୁଡିକୁ ତୋଳି ଧରିଥିଲେ। ମାର୍କ୍ସବାଦୀ ସାହିତ୍ୟ ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା। ପାର୍ଟିର ମୁଖପତ୍ର 'ସାମ୍ୟବାଦୀ' ର ସମ୍ପାଦକ ଦାୟିତ୍ୱ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଥିଲେ। ନିୟମିତ ତାଙ୍କର ଲେଖନୀରୁ ଉପାଦେୟ ଲେଖାମାନ ପ୍ରକାଶ ପାଉଥିଲା। ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ଦୂର କରିବାକୁ ଚେଷ୍ଟା କରୁଥିଲେ। ଏହିଭଳି ଜଣେ ବର୍ଷିଆନ ଜନନାୟକଙ୍କ ଦେହାବସାନ ଓଡିଶା ପାଇଁ ଏକ ଗଭୀର ଶୂନ୍ୟସ୍ଥାନ ପୂରଣ କଲା। ସେ ଥିଲେ ଅଜାତ ଶତ୍ରୁ। ତାହା ହିଁ ପ୍ରମାଣିତ ହେଲା ତାଙ୍କର ମରଶରୀର ଆଜି ପାର୍ଟିର ରାଜ୍ୟ ଦପ୍ତରରେ ପହଞ୍ଚିବା ପରେ। ରାଜନୈତିକ ମତ ଭିନ୍ନତା ସତ୍ତ୍ୱେ ସମସ୍ତ ଦଳର ନେତୃବୃନ୍ଦ ତାଙ୍କର ଶେଷ ଦର୍ଶନ ପାଇଁ ମଇ ୨୪ ତାରିଖରେ ସି.ପି.ଆଇ.(ଏମ୍) ରାଜ୍ୟ ଦପ୍ତରରେ ପହଞ୍ଚିଥିଲେ। ଦଳ ମତ ନିର୍ବିଶେଷରେ ରାଜ୍ୟର ତୁଙ୍ଗ ରାଜନୈତିକ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀବର୍ଗ ଶିବାଜୀ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ନିଜର ଜୀବଦଶା ମଧ୍ୟରେ ଜନଗଣଙ୍କର ସେବାରେ ନିୟୋଜିତ ରହିବା ପରେ ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ଓ ଗବେଷଣା ପାଇଁ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଦାନ କରାଯାଇଥିଲା ଏ.ଆଇ.ଆଇ.ଏମ୍.ଏସ୍. ଭୁବନେଶ୍ୱର ପ୍ରତିଷ୍ଠାନକୁ।

ସିପିଆଇ(ଏମ୍) ରାଜ୍ୟ ପରିସର ମଧ୍ୟରେ ଗତକାଲି ଅନୁଷ୍ଠିତ ଏହି ଶ୍ରଦ୍ଧା ନିବେଦନ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ପଲିଟିବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ସିପିଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ(ଏମ୍) ପ୍ରାକ୍ତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ନାୟକ, କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପ୍ରାକ୍ତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍-ଏଲ୍) ଲିବରେସନ୍ ରାଜ୍ୟର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ, ସିପିଆଇ(ଏମ୍-ଏଲ୍) ରାଜ୍ୟନେତା ଶ୍ରୀକାନ୍ତ ମହାନ୍ତି, ଆମ ଆଦମି ପାର୍ଟି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରାଧାକାନ୍ତ ସେଠୀ, ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ନେତ୍ରୀ ସ୍ୱୟଂପ୍ରଭା କର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କୃଷକ ନେତା ଲିଙ୍ଗରାଜ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ଏବଂ ସଂଗ୍ରାମୀ ଜନସାଧାରଣ ଯୋଗ ଦେଇଥିଲେ।

## ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ଆନୁକୂଲ୍ୟରେ ସଙ୍ଘ ସଭାଗୃହରେ ଆଇନଜୀବୀ ଦିବସ ତଥା ୧୭୪ତମ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା ଓକିଲ ସଙ୍ଘର ସଭାପତି ଧ୍ରୁବଚରଣ ଜେନା ସଭାପତିତ୍ୱ କରିଥିଲେ। ଏହି ସଭାରେ ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ବି. କେ. ଚିନାରା, ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଶୋଭନ କାନୁନଗୋ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସଂଗୀତା ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଇନଜୀବୀ ଭୀମସେନ ଭୂୟାଁ, ସରୋଜରାଜ ସିଂ, ପରୀକ୍ଷିତ ପାତ୍ର, ପ୍ରଭାତ ଅଧିକାରୀ, ଧିରେନ କୁମାର ସାହୁ, ଗୋକୁଳି ରଞ୍ଜନ ଦାସ, ବିଜୟ ପରିଡା, ଆଶୁତୋଷ ମହାନ୍ତି, ଆଶିଷ ସେନାପତି, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ କୁମାର ଦାଶ, ନିତ୍ୟାନନ୍ଦ ସ୍ୱାଇଁ, ବଳଦେବ ପ୍ରସାଦ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ସମେତ ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ ଓ ସୁବାଷ ବୋଷଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଜିଲ୍ଲାଜଜ ଶ୍ରୀ ବେହେରାଙ୍କୁ ମଧୁବାବୁଙ୍କ ପଗଡି ପିନ୍ଧାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାଜଜ ଶ୍ରୀ ବେହେରା ବୟୋଜ୍ୟେଷ୍ଠ ଆଇନଜୀବୀ ନୃସିଂହ ଚରଣ ମହାନ୍ତିଙ୍କୁ ଉ ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଯୁବ ଆଇନଜୀବୀ ସରୋଜ କୁମାର ପରିଡାଙ୍କୁ ଅବସରପ୍ରାପ୍ତ ଜିଲ୍ଲାଜଜ ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଙ୍ଘର ଉପସଭାପତି ହାଡିବନ୍ଧୁ ସିଂ, ସହସମ୍ପାଦକ ଅସ୍ତରାଗ ତ୍ରିପାଠୀ, କୋଷାଧ୍ୟକ୍ଷ ରାଜୀବ ପାତ୍ର, ଲାଇବ୍ରେରୀଆନ ଚୈତନ୍ୟ ମଲିକ, କମିଟି ସଦସ୍ୟ ବିଚିତ୍ର କୁମାର ବେହେରା, ଅଞ୍ଜନା ମହାନ୍ତି ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ଆଇନଜୀବୀ ଅକ୍ଷୟ କୁମାର ନାଥ, ନେହେରୁ କୁମାର ସାହୁ, ଅରକ୍ଷିତ ସୁଆର, ସତ୍ୟ ପରିଡା, ଆଶିଷ କୁମାର ସାମଲ, ଲକ୍ଷ୍ମଣ ସାହୁ ପ୍ରମୁଖ ବହୁ ସଂଖ୍ୟାରେ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ଯାଜପୁର ସ୍ପୋର୍ଟସ କିକ୍ ବକ୍ସି ଆସୋସିଏସନ୍ ପକ୍ଷରୁ ଜଳଛତ୍ର



ଯାଜପୁର (ପିଏନ୍): ପ୍ରଚଣ୍ଡ ଖରା ଓ +୨ ପରୀକ୍ଷାକୁ ଦୃଷ୍ଟିରେ ରଖି ଯାଜପୁର ସ୍ପୋର୍ଟସ କିକ୍ ବକ୍ସି ଆସୋସିଏସନ୍ ଦ୍ୱାରା ଏନ୍‌ସି କଲେଜଠାରେ ଏକ ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଥିଲା। ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଉକ୍ତ ଜଳଛତ୍ରରେ ଘୋଳ ଦହି ଓ ଥଣ୍ଡା ପାନୀୟ ଜଳ ଗ୍ରହଣ କରି ଆସୋସିଏସନ୍‌ର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା ଓ ଶୁଭାଶିଷ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସଭାପତି ଭବପ୍ରସାଦ ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରଫେସର ବଟକୃଷ୍ଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜଳଛତ୍ରକୁ ଆସୋସିଏସନ୍‌ର ସମ୍ପାଦକ ରଂଜନ କୁମାର ସୁତାର, ଜ୍ୟୋତିର୍ମୟ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ରିତେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ହାତୀ, ସଂଜୀବ ଭଦ୍ର, ଅର୍ପିତା ନାୟକ ଓ ରଂଜୁଲତା ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହା ପୂର୍ବରୁ ଆସୋସିଏସନ୍ ତରଫରୁ ସ୍ୱଚ୍ଛତା ଯାଜପୁର ଓ ସୁସ୍ଥ ଯାଜପୁର ଅଭିଯାନ ମାଧ୍ୟମରେ ଏନ୍‌ସି କଲେଜର ବାଣିଜ୍ୟ ବ୍ଲକରେ ସଫେଇ କାର୍ଯ୍ୟ ମଧ୍ୟ ହୋଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମକୁ ଛାତ୍ର ସମାଜ ଓ ଆଲୁମିନି ଆସୋସିଏସନ୍ ତରଫରୁ ପ୍ରଶଂସା ମଧ୍ୟ ମିଳିଥିଲା। ଆସୋସିଏସନ୍‌ର ସମ୍ପାଦକ ଶ୍ରୀଯୁକ୍ତ ସୁତାର କିକ୍ ବକ୍ସିଂ ଦ୍ୱାରା ଏକ ସୁସ୍ଥ ଓ ନିର୍ଭିକ ସମାଜ ଗଠନ ହିଁ ଆସୋସିଏସନ୍ ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ।

## କେନ୍ଦୁଝର ପ୍ରଥମ ଥର ଦେଖିବ କି ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ?

କେନ୍ଦୁଝର (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି। ବଡବଡିଆ ନେତାଙ୍କଠାରୁ ଶୁଣିବାକୁ ମିଳୁଛି ଦାଗୀ ଓ ବୟସ୍କଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବ ନାହିଁ ଏବଂ ଉପେକ୍ଷିତ ବର୍ଗଙ୍କୁ ମିଳିବ ଅଗ୍ରାଧିକାର। ଏହାକୁ ନେଇ କେନ୍ଦୁଝର ଜିଲ୍ଲା ରାଜନୀତି ମଧ୍ୟ ପଛରେ ନାହିଁ। ଏହି ସୂତ୍ରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବା ଶୁଣିବା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ଅନୁସୂଚିତ ଜାତି ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ସେମାନଙ୍କ କହିବା ଅନୁଯାୟୀ କେନ୍ଦୁଝର ଦେଖିଛି ସାଧାରଣ ବର୍ଗର ମନ୍ତ୍ରୀ ଓ ଅନୁସୂଚିତ ଜନଜାତିର ମନ୍ତ୍ରୀ; କିନ୍ତୁ କେବେ ଦେଖିନାହିଁ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ପଞ୍ଚମ ପାଳିର ଦ୍ୱିତୀୟ ଇନିଂସରେ କେନ୍ଦୁଝରର ଜଣେ ଅନୁସୂଚିତ ଜାତି ବର୍ଗରୁ ମନ୍ତ୍ରୀ କରିବା ପାଇଁ। ତାଙ୍କ ମନୋବଳକୁ ସୁଦୃଢ କରିବା ସହ ସେମାନେ ସମାଜର ମୁଖ୍ୟସ୍ରୋତରୁ ଅଲଗା ନୁହନ୍ତି ବୋଲି ଓ ତାଙ୍କ ବର୍ଗକୁ ସମ୍ମାନ ଜଣାଇ ଦଳିତ ବର୍ଗରୁ ଏଥର ମନ୍ତ୍ରୀ ଜଣଙ୍କୁ କରିବା ପାଇଁ ବିନତି କରିଥିବା ଜଣାପଡିଛି। ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀର ପ୍ରାୟତଃ ୫ ଶହ ଅନୁସୂଚିତ ଜାତି ବର୍ଗର ଲୋକ ଏକ ଦରଖାସ୍ତରେ ଦସ୍ତଖତ କରି ଜଣେ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

## ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମଇ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୋଦି ସରକାର କର୍ପୋରେଟ ସପକ୍ଷରେ ଆଇନଗତ ପ୍ରତିବ ନମାନ କରୁଛନ୍ତି। ୪୪ଟି ଶ୍ରମ ଆଇନ ପରିବ ନ କରି ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି। ସେହିପରି ଚାଷୀମାନଙ୍କ ବିରୋଧରେ ଆଣିଥିବା ୩ଟି କଳା କୃଷି ଆଇନକୁ ବ୍ୟାପକ ଆନ୍ଦୋଳନ ଫଳରେ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି। ସମସ୍ତ ସରକାରୀ ଉଦ୍ୟୋଗକୁ ବିକ୍ରୀ ଚାଲିଛି। ବୀମା, ବ୍ୟାଙ୍କ, ପରିବହନ ସେବା, ବିମାନ ବନ୍ଦର, ଜଳପଥ ଓ ସ୍ଥଳପଥକୁ ବିକ୍ରୀ ଚାଲିଛି। ଦରଦାମରେ ନିୟନ୍ତ୍ରଣ ନାହିଁ। କରୋନା ମହାମାରୀରେ ଦେଶର ଆର୍ଥିକ ଅବସ୍ଥା ଭୁଷୁଡି ପଡିଥିଲା ବେଳେ ଆଦାନୀ ଓ ଆମ୍ବାନୀଙ୍କ ଶକ୍ତି ବୃଦ୍ଧି ହୋଇଛି। ଏହିଭଳି ପରିସ୍ଥିତିରେ ମଇ ଦିବସ ପାଳନ ଅବସରରେ ପାର୍ଟିର ପତାକା ଉ ଳନ କରିଥିଲେ ବରିଷ୍ଠ ନେତା ମାଧବ ଦାସ ଓ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ନେତା ଜଗତଜୀବନ ଦାଶ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ ଗୟାଧର ଧଳ ବକ୍ତବ୍ୟ ରଖି କହିଲେ ଲାଲଝଣ୍ଡା ଶକ୍ତିଶାଳୀ ହେଲେ ହିଁ ଦେଶକୁ ରକ୍ଷାକରାଯାଇ ପାରିବ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମଲିକ, ନିରାକାର ସାହୁ, ମାନଭଞ୍ଜନ ଷଡଙ୍ଗୀ, ବିନୟ କୁମାର ମଲ୍ଲିକ, ମହେଶ୍ୱର ସାହୁ, ମୋହନ କୁମାର ସାହୁ ପ୍ରମୁଖ ସେମାନଙ୍କର ନିଜସ୍ୱ ବକ୍ତବ୍ୟ ରଖିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday January 30 ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୩୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଭୁବନେଶ୍ୱର ଉତ୍ତରରୁ ଲଢ଼ିବେ ଅର୍ଚ୍ଚନା ନାଗ !



ଭୁବନେଶ୍ୱର, (ପି.ଏନ): ଅର୍ଚ୍ଚନା ନାଗ। ଦିନେ ଏହି ନାଁ ବହୁ ଚର୍ଚ୍ଚାରେ ଥିଲା। ସେକ୍ସ ସ୍କାଣ୍ଡାଲ୍‌ଠାରୁ ଆରମ୍ଭ କରି ବଟି ଆଦାୟ ପର୍ଯ୍ୟନ୍ତ କେତେ କ'ଣ ବଦନାମ ମୁଣ୍ଡାଇ ଥିଲେ ଅର୍ଚ୍ଚନା ନାଗ। ଏପରିକି ଜେଲ୍ ମଧ୍ୟ ଯାଇଥିଲେ। ଏବେ ସେ ବେଲ୍‌ରେ ଜେଲ୍‌ରୁ ବାହାରିଛନ୍ତି। ଜେଲ୍‌ରୁ ବାହାରିବା ପରେ ସେ ସମାଜସେବାରେ ଲାଗି ପଡିଛନ୍ତି। ଶୁଣିବାକୁ ମିଳୁଛି, କଳଙ୍କ ଲିଭାଇବା ପାଇଁ ସେ ସମାଜସେବାକୁ ଅସ୍ତ୍ର ଭାବେ ଗ୍ରହଣ କରିଛନ୍ତି। ଆଉ ତାହାରି ମାଧ୍ୟମରେ ଲୋକଙ୍କ ମନରେ ଘର କରିବାକୁ ଚାହୁଁଛନ୍ତି। ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଆଉ ବିଜେଡି ବିଧାୟକ ସୁଶାନ୍ତ ରାଉତଙ୍କ ବିରୋଧରେ ଲଢ଼ିବେ। ତେବେ କେଉଁ ଦଳରୁ ସେ ଲଢ଼ିବେ, ତାହା ସ୍ପଷ୍ଟ ଭାବେ ଜଣାପଡି ନାହିଁ।

# ଏବେ ମନେପଡିଲେ ଆଦିବାସୀ: ଆସିବ 'ଲାଭ' ଯୋଜନା, ନିଜ ନିଷ୍ପତ୍ତିରୁ ଓହରିଲେ କ୍ୟାବିନେଟ୍



ଭୁବନେଶ୍ୱର, (ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ଆଦିବାସୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏବେ କ୍ଷମତାସୀନ ବିଜେଡି ସରକାର 'ଆଦିବାସୀ ସଶକ୍ତିକରଣ' କାର୍ଡ ଖେଳିଛନ୍ତି। ଆଜି କ୍ୟାବିନେଟ୍ ବୈଠକ ଡାକି ନିଜେ ୩ମାସ ତଳେ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛନ୍ତି। ଆଉ ଆଦିବାସୀଙ୍କ ନିମନ୍ତେ 'ଲାଭ' ନାମରେ ଏକ ନୂଆ ଯୋଜନା ଆଣିବା ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି। ତେବେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର ପାଇଁ ରାଜ୍ୟ କ୍ୟାବିନେଟ୍ ଗତ ନଭେମ୍ବର ୧୪ତାରିଖରେ କାହିଁକି ନିଷ୍ପତ୍ତି ନେଇଥିଲେ ଓ କାହା ସ୍ୱାର୍ଥ ରକ୍ଷା ପାଇଁ ଏହି ନିଷ୍ପତ୍ତିକୁ ପ୍ରାୟ ୩ମାସ ଧରି ଝୁଲାଇ ରଖିଥିଲେ ତାକୁ ନେଇ ସରକାରଙ୍କ ଭୂମିକା ସନ୍ଦେହଘେରରେ ରହିଥିବା ଚର୍ଚ୍ଚା ହେଉଛି। ଆଉ ଏବେ ଆଦିବାସୀଙ୍କୁ ଲଘୁ ବନଜାତ ଦ୍ରବ୍ୟ କ୍ରୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଦେବାକୁ ନିଷ୍ପତ୍ତି ନେଇଥିବା ରାଜ୍ୟ ସରକାର କାହିଁକି ଗତ ୨୩ବର୍ଷ ଧରି ଆଦିବାସୀଙ୍କ ପେଟ ଉପରେ ନାତ ମାରି ଚାଲିଥିଲେ ତାହା ଅସ୍ପଷ୍ଟ। ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ବୈଠକରେ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ସମସ୍ତ ପ୍ରସ୍ତାବ ଅନୁସୂଚିତ ଜନଜାତି(ଆଦିବାସୀ) ବର୍ଗକୁ ଆକୃଷ୍ଟ କରିବା ନିମନ୍ତେ ଉଦ୍ଦିଷ୍ଟ ଥିବା ଜଣାପଡିଛି। କ୍ୟାବିନେଟ୍ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ରୂପାରୋଶନ ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟର ପ୍ରାୟ ଏକ କୋଟି ଆଦିବାସୀ ବର୍ଗର ଲୋକଙ୍କ ବିକାଶ ଓ ସଶକ୍ତିକରଣ ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। 'ଲଘୁ ବନଜାତ ଦ୍ରବ୍ୟ କ୍ରୟ(ଲାଭ)' ନାମରେ ଏକ ଯୋଜନା କାର୍ଯ୍ୟକାରୀ ହେବ, ଯାହାକି ଶତପ୍ରତିଶତ ରାଜ୍ୟ ସରକାରଙ୍କ ଅର୍ଥରେ ପରିଚାଳିତ ହେବ। ରାଜ୍ୟ ସରକାର ପ୍ରତିବର୍ଷ ଲଘୁ ବନଜାତ ଦ୍ରବ୍ୟ କ୍ରୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ନିର୍ଦ୍ଧାରଣ କରିବେ। ଏହି ଯୋଜନାରେ ଆଦିବାସୀମାନେ ଜଙ୍ଗଲରୁ ସଂଗୃହୀତ ନିଜର ଲଘୁବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଟିଡିସିସିଓଏଲକୁ ବିକ୍ରି କରିପାରିବେ ଅବା ଟିଡିସିସିଓଏଲ୍ ଏହାକୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ କ୍ରୟ କରିବ। ଏବେ ପ୍ରାୟ ଏକହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୩୦ହଜାରରୁ ଅଧିକ ଆଦିବାସୀ ଏହି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକାରୀ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଧାନ କ୍ରୟ ଭଳି ଆଦିବାସୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପି-ପାସ୍ ସିଷ୍ଟମରେ ସେମାନେ ବିକ୍ରି କରିଥିବା ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ପ୍ରଦାନ କରାଯିବ। ଏହି 'ଲାଭ' ଯୋଜନା ଯୋଗୁ ଆଦିବାସୀମାନେ ଆଉ ଦଲାଲଙ୍କ ଭୂମିକା ରହିବ ନାହିଁ କିମ୍ବା ଅଭାବୀ ବିକ୍ରିର ସମ୍ମୁଖୀନ ହେବେନି।

# ତକ୍ଷଶିଳା ଆବାସିକ ବିଦ୍ୟାଳୟ ୨୩ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ

କୁକୁଡାଖଣ୍ଡି ( ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ) : ଆଙ୍କୁଶପୁର ସ୍ଥିତ ତକ୍ଷଶିଳା ଆବାସିକ ବିଦ୍ୟାଳୟରେ ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ରୂପେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ପ୍ରଫୁଲ କୁମାର ମହାନ୍ତି (ଡ଼ରଝ-ଓ), ମୁଖ୍ୟବକ୍ତା ରୂପେ କୁକୁଡାଖଣ୍ଡି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ମହାପାତ୍ର (ଡ଼ରଝ-ଓ) ସମ୍ମାନୀୟ ଅତିଥି ଭାବେ କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ ଶ୍ରୀ କାମାକ୍ଷ ପ୍ରସଦ ପାତ୍ର, ଲେଫ୍ଟନାଣ୍ଟ କର୍ଣ୍ଣଲ ଦ୍ୱିତୀୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଏ.ଓ ଶ୍ରୀଯୁକ୍ତ ଗୌରବ ଜୟସିଂହ , ସମାଜସେବୀ ଓ ମହାସଂଘର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁଶାନ୍ତ ସାବତ, ସ୍ଥାନୀୟ ଜିଲ୍ଲାପରିଷଦ ଜୋନ୍ ନମ୍ବର ୧୦ ଶ୍ରୀମତୀ ଭାରତୀ ନାୟକ , ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ମୁରଲୀ ସେଠୀ, ସ୍ଥାନୀୟ ସମିତି ସଭ୍ୟା ଶ୍ରୀମତୀ ସୁନୀତା ସେଠୀ ଏହି ଉତ୍ସବରେ ଅତିଥି ଭାବେ ଯୋଗଦାନ କରିଥିଲେ। ତକ୍ଷଶିଳା ଆବାସିକା ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମେନ ଶ୍ରୀ ବଜରଙ୍ଗଲାଲ ଚୌଧୁରୀ, ସମ୍ପାଦକ ଶ୍ରୀ ପବନ କୁମାର ଚୌଧୁରୀ, ଡ଼ାଇରେକ୍ଟର ଶ୍ରୀ ରବିଶଙ୍କର ଚୌଧୁରୀ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାଗେଶ୍ୱର ରାଓ, ସିନିୟର ସେକେଣ୍ଡେରୀ ସ୍କୁଲର ଭାରପ୍ରାପ୍ତ ଶିକ୍ଷକ ଶ୍ରୀ ବିନୋଦ କୁମାର ପାଢୀ ବିଦ୍ୟାଳୟର ଉନ୍ନତମାନର ଶୈକ୍ଷିକ ବିକାଶଧାରାକୁ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ କ୍ଷ ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ର ତଥା ଏହି ଶିକ୍ଷାନୁଷ୍ଠାନର ସକଳ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ ତଥା ଆମନ୍ତ୍ରିତ ଅଭିଭାବକମାନଙ୍କ ଶୁଭ ଉପସ୍ଥିତି ଉକ୍ତ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲା। ଉତ୍ସବ ପ୍ରାରମ୍ଭରେ ଶ୍ରୀ ବଜରଙ୍ଗଲାଲ ଚୌଧୁରୀ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ଆମନ୍ତ୍ରିତ ଅତିଥିମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇ ମଞ୍ଚ ନିକଟରେ ପାଛୋଟି ନେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାଗେଶ୍ୱର ରାଓ ବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହ।

# ଓଡିଶା ମିଲେଟ୍ସ ମିଶନ ପକ୍ଷରୁ ଶେରଗଡ଼ ବ୍ଲକରେ ମାଣ୍ଡିଆ ମଣ୍ଡି ଉଦଘାଟିତ



ଶେରଗଡ଼, (ପିଏନ ) : ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତର୍ଗତ କରଡ଼ାକଣା ପଞ୍ଚାୟତ ରେ କରଡ଼ାକଣା ସମବାୟ ସମିତି ଠାରେ ଓଡିଶା ମିଲେଟ୍ସ ମିଶନ ଆନୁକୂଲ୍ୟରେ ପ୍ରୋଗ୍ରେସ ସଂସ୍ଥା ଦ୍ୱାରା ଆଜି ମାଣ୍ଡିଆ ମଣ୍ଡି ଉଦଘାଟନ ହୋଇଯାଇଛି କ୍ଷ ଏହି ମଣ୍ଡିରେ ବ୍ଲକ କୃଷି ଅଧିକାରୀ ଶ୍ରୀ ଜ୍ୟୋତି ରଞ୍ଜନ ମିଶ୍ର, ଚାଷୀମାନଙ୍କୁ ପ୍ରଥମେ ମଣ୍ଡୁଆ ର ଉପକାରଓ ମଣ୍ଡିର ସୁବିଧା ଏବଂ ଏହାର ଏମଏସପି ବିଷୟରେ ଚାଷୀଙ୍କୁ ବୁଝାଇଥିଲେ କ୍ଷ ପରେ ବ୍ଲକ କୃଷି ଆଦିକାରୀ ଶ୍ରୀ ଜ୍ୟୋତି ରଞ୍ଜନ ମିଶ୍ର ମାଣ୍ଡିଆ ମଣ୍ଡିକୁ ଉଦଘାଟନ କରିବା ସହ ମିଲେଟ୍ସ ମିଶନ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ କ୍ଷ ଏହି ମଣ୍ଡିରେ ଓଡିଶା ମିଲେଟ୍ସ ମିଶନ ଡିପିସି ସମୀର ରଞ୍ଜନ ଦାସ (ୱାସନ ), ପ୍ରୋଗ୍ରେସ ସଂସ୍ଥା ର ସେକ୍‌ରେଟାରୀ ସରୋଜ ପଟନାୟକ,ସ୍ଥାନୀୟ ସରପଞ୍ଚ ପ୍ରତିନିଧି ରାମକୃଷ୍ଣ ପଣ୍ଡା,ଗ୍ରାମ୍ୟ କୃଷି କର୍ମଚାରୀ ଅରୁଣ କୁମାର ପ୍ରଧାନ, କରଡ଼ାକଣା ସମବାୟ ସମିତି ସହ-ସମ୍ପାଦକ ଯୋଗେନ୍ଦ୍ର ବିଶୋଇ, ଓଡିଶା ମିଲେଟ୍ସ ମିଶନ ଶେରଗଡ଼ ବ୍ଲକ ସଂଯୋଜକ ରାଜୀବ ପ୍ରଧାନ, ସହ-ସଂଯୋଜକ କୈକେଶ ପ୍ରଧାନ, ସମସ୍ତ ସିଆରପି ଏବଂ ଆଖ ପାଖ ଅଞ୍ଚଳର ବହୁ ଚାଷୀ ଯୋଗଦେଇ ମଣ୍ଡିକୁ ସାଫଲ୍ୟ କରିଥିଲେକ୍ଷ

## ପିକେଙ୍କ ଭବିଷ୍ୟବାଣୀ: ୨୦୨୪ ଲୋକସଭା ନିର୍ବାଚନରେ କ୍ଲିନସୁଇପ କରିବ ଏନଡିଏ



ଭୁବନେଶ୍ୱର, (ପି.ଏନ): ପଲଟୁରାମ ଭାବେ ପରିଚିତ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିରୋଧୀ ମେଣ୍ଟରୁ ଓହରି ଏବେ ବିଜେପି ସହ ହାତ ମିଳାଇଛନ୍ତି। ସେ ପୁଣିଥରେ ବିଜେପି ନେତୃତ୍ୱାଧୀନ ଏନଡିଏରେ ସାମିଲ ହୋଇଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ପଟ ପରିବର୍ତ୍ତନ ରାଜନୀତିକ ହଟଚମଟ ସୃଷ୍ଟି କରିଛି। ଏସବୁ ଭିତରେ ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଓରଫ ପିକେ ବଡ ବୟାନ ଦେଇଛନ୍ତି।

# ଫେବୃଆରୀ ୨୭ରେ ହେବ ରାଜ୍ୟସଭା ନିର୍ବାଚନ




ଭୁବନେଶ୍ୱର,(ପି.ଏନ): ରାଜ୍ୟସଭା ନିର୍ବାଚନ ତାରିଖ ବର୍ତ୍ତମାନ ଘୋଷଣା କରାଯାଇଛି। ଫେବୃଆରୀ ୨୭ ତାରିଖକୁ ରାଜ୍ୟସଭା ନିର୍ବାଚନ ପାଇଁ ଚୟନ କରାଯାଇଛି। ଓଡିଶାର ଖାଲି ପଡିଥିବା ୩ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ଏହି ନିର୍ବାଚନ ପାଇଁ ତାରିଖ ଘୋଷଣା କଲେ ନିର୍ବାଚନ କମିଶନ। ସୂଚନା ଅନୁଯାୟୀ, ରାଜ୍ୟସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ୨୭ ଫେବୃଆରୀରେ ୫୬ଟି ଆସନ ପାଇଁ ନିର୍ବାଚନ ହେବ। ଓଡିଶାର ୩ଟି ଆସନ ପାଇଁ ନିର୍ବାଚନ ହେବ। ଫେବୃଆରୀ ୮ ତାରିଖରେ ଜାରି ହେବ ବିଜ୍ଞପ୍ତି। ନାମାଙ୍କନ ଦାଖଲର ଶେଷ ତାରିଖ ୧୫ ଫେବୃଆରୀ ରହିଛି। ଏହି ତାରିଖକୁ ନିର୍ବାଚନ କମିଶନ ଘୋଷଣା କରିଛନ୍ତି।

# ସମାଜସେବୀ ଡମ୍ବରୁଙ୍କ ବନ୍ଧୁ ମିଳନ ବିଜେଡି ଶିବିରରେ ଚର୍ଚ୍ଚା ଜୋର



କୋରାପୁଟ:(ପି ଏ ନ) : କୋରାପୁଟ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଡମ୍ବରୁ ନାଏକଙ୍କ ବନ୍ଧୁ ମିଳନ ଚର୍ଚ୍ଚାରେ ରହିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିଜେଡି ଶିବିରରେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଆଜି କୋରାପୁଟ ନିର୍ବାଚନ ମଣ୍ଡଳୀ ଅଧୀନ ବୈପାରିଗୁଡ଼ା ଅଧିନ ଦୋରାଗୁଡ଼ା ଓ କେନ୍ଦୁଗୁଡ଼ା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବିଜେଡି ପଦାଧିକାରୀ ସଂଗଠକ ଓ ସ୍ଥାନୀୟ ସମାଜସେବୀ ମାନଙ୍କୁ ନେଇ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏଥିରେ ରାମ ଚନ୍ଦ୍ର ମାଝି, ରଘୁନାଥ କମାର, କଚମେନ୍ ଗୌଡ଼, ଲମ୍ବୋଦର ଖରା, ନିରଞ୍ଜନ ପୂଜାରୀ, ଦମନ କୁମାର ପାଢ଼ୀ, ଡମ୍ବରୁ ଗୌଡ଼, ଧର୍ମଶକ୍ତି କେନ୍ଦୁ, ଶ୍ୟାମ ନାୟକ, ଗଣେଶ ଦାସ ସମସ୍ତଙ୍କ ସମେତ ଶତାଧିକ ସମାଜସେବୀ ଓ ବିଜେଡି କର୍ମୀ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ଏଠାରେ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଯୋଜନା ଗୁଡିକ ସମ୍ପର୍କରେ ତୃଣମୂଳ ସ୍ତରରେ ରହୁଥିବା ଲୋକଙ୍କୁ ଅବଗତ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଅନୁସାରେ ଡମ୍ବରୁ ବର୍ତ୍ତମାନ୍ ସମାଜସେବା କାର୍ଯ୍ୟରେ ରହୁଥିବା ବେଳେ ଆଗକୁ ସିଧାସଳଖ ରାଜନୀତିକୁ ଆସିବା ପାଇଁ ଯୋଜନା କରିଛନ୍ତି। ଶାସକ ବିଜେଡି ଦଳରେ ସେ କୋରାପୁଟ ବିଧାନସଭା ଆସନ ପାଇଁ ଆଶାୟୀ ରହିଛନ୍ତି। ଏଥିପାଇଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟକ୍ରମ ବିଜେଡି ଶିବିରରେ ଆଲୋଚନାର ପରିସରକୁ ଆସିଛି।






Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray